ବର୍ଷ-୨୪, ସଂଖ୍ୟା-୩୧୨
ଭୁବନେଶ୍ୱର
୧୬ ଡିସେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 312
Bhubaneswar
16 December, 2024 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ପି.ଭି ସିନ୍ଧୁଙ୍କ ନିର୍ବନ୍ଧ

# କୋରାପୁଟରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୧୫।୧୨(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଗସ୍ତକାଳରେ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟର ଶୁଭ ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଜିଲ୍ଲାର ବିକାଶର ଧାରାକୁ ଆଗେଇ ନେବା ପାଇଁ ଏହି ପ୍ରକଳ୍ପ ଗୁଡିକର ବିଶେଷ ଯୋଗଦାନ ରହିବ।



ମୁଖ୍ୟମନ୍ତ୍ରୀ କହିଛନ୍ତି, ସମଗ୍ର ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି ସୁଯୋଗ ଇତ୍ୟାଦି କ୍ଷେତ୍ରକୁ ସୁଦୃଢ କରିବା ପାଇଁ ଲୋକଙ୍କ ସରକାର ପ୍ରାଥମିକତା ଦେଉଛନ୍ତି। ଆଜି କୋରାପୁଟ ଜିଲ୍ଲାର ପ୍ରଥମ ସରକାରୀ ସେବିକା ମହାବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସହ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ମାନଙ୍କ ପାଇଁ ମୋଟ ୯୬ଟି ଆବାସିକା ଗୃହର ଶୁଭାରମ୍ଭ କରାଯାଇଛି। ଯାହାକି ଜିଲ୍ଲାବାସୀଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ସହାୟକ ହେବ। ଏହାସହିତ ଗମନାଗମନ କ୍ଷେତ୍ରକୁ ଉନ୍ନତ କରିବା ପାଇଁ ଜୟପୁର ବିମାନବନ୍ଦରର ନବନିର୍ମିତ ଟର୍ମିନାଲର ମଧ୍ୟ ଶୁଭ ଉଦ୍‌ଘାଟନ କରାଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଲୋକଙ୍କ ସରକାର କଥା ନୁହେଁ କାମରେ ବିଶ୍ୱାସ କରନ୍ତି। ରାଜ୍ୟର ଚାଷୀ ଭାଇଙ୍କ ସଶକ୍ତୀକରଣ ପାଇଁ ୮୦୦ ଟଙ୍କାର ଇନପୁଟ୍ ସହାୟତା ସହ ଧାନ କୁଇଣ୍ଟାଲ ପିଛା ମୋଟ ୩୧୦୦ ଟଙ୍କାରେ କିଣାଯାଉଛି। ସୁଭଦ୍ରା ଯୋଜନା ମାଧ୍ୟମରେ ମା'ମାନଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରାଯାଉଛି। କୋରାପୁଟ ହେଉଛି ସମଗ୍ର ଦେଶର ପର୍ଯ୍ୟଟନ ମାନଚିତ୍ରରେ ଅନ୍ୟତମ ଆକର୍ଷଣର କେନ୍ଦ୍ର। କୋରାପୁଟର କଫି ଆଜି କେବଳ ଦେଶ ନୁହେଁ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ମାଟିର ମାଣ୍ଡିଆ କୁଇନ୍ ରାଇମତି ଘଉରିଆ ଜୈବିକ ଚାଷ ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନ ଜନକ ଡକ୍ଟରେଟ୍ ପାଇଛନ୍ତି, ଯାହାକି ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ। ବିକଶିତ ଓଡ଼ିଶା ନିର୍ମାଣରେ କୋରାପୁଟ ହେଉଛି ଏକ ପ୍ରମୁଖ ଅଂଶ। ଏହାକୁ ଗୁରୁତ୍ୱ ଦେଇ ଲୋକଙ୍କ ସରକାର ଜିଲ୍ଲାର ବିକାଶ ସହ ଜିଲ୍ଲାବାସୀଙ୍କ ସାମଗ୍ରିକ ଉନ୍ନତିକୁ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ ଆମ ସମସ୍ତଙ୍କ ପ୍ରୟାସରେ କୋରାପୁଟ ଜିଲ୍ଲା ନିଶ୍ଚୟ ସମୃଦ୍ଧ ହେବ ଏବଂ ମୋର ପ୍ରିୟ କୋରାପୁଟବାସୀଙ୍କ ଜୀବନଜୀବିକାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ।

# ଆଇଏଏସ ଅନିମେଶ ପ୍ରଧାନଙ୍କୁ ଓଡ଼ିଶା କ୍ୟାଡର

ଭୁବନେଶ୍ୱର,୧୫।୧୨(ମହାଭାରତ): କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସସି) ଦ୍ୱାରା ପରିଚାଳିତ ଆଇଏଏସ୍ ପରୀକ୍ଷା-୨୦୨୩ରେ ଦ୍ୱିତୀୟ ରାଙ୍କ ରଖିଥିବା ଓ ଓଡ଼ିଶାରେ ପୁଅ ଅନିମେଶ ପ୍ରଧାନଙ୍କୁ ଓଡ଼ିଶା କ୍ୟାଡର ମିଳିଛି। ଉତ୍ତରାଖଣ୍ଡର ମସୁରୀସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀରେ ଅନିମେଶ ପ୍ରଧାନ ନିକଟରେ ଫାଉଣ୍ଡେସନ୍ କୋର୍ସ ସାରିବା ପରେ ୬ମାସ ଆଇଏଏସ୍ ଟ୍ରେନିଂ ନେଉଛନ୍ତି। ଏହି ଟ୍ରେନିଂ ସରିଲା ପରେ ଅନିମେଶ ପ୍ରଧାନ ଓଡ଼ିଶା ଆସି କାର୍ଯ୍ୟରେ ଯୋଗଦେବେ।



ସେହିପରି ୨୪ ନଂ ରାଙ୍କରେ ଥିବା ପ୍ରଜ୍ଞାନନ୍ଦନ ଗିରି ମଧ୍ୟ ଓଡ଼ିଶାରେ ତାଙ୍କର ପ୍ରଶାସନିକ ସେବା ଦେବେ। ତାଙ୍କୁ ଓଡ଼ିଶା କ୍ୟାଡର ମିଳିଛି। ୪୦୯ ନଂ ରାଙ୍କରେ ଥିବା ସନ୍ତୋଷ କୁମାର ପାତ୍ର, ୫୪ ନଂ ରାଙ୍କରେ ଥିବା ହରିୟାଣାର କଶିସ୍ ବକ୍ସି, ୬୮ ନଂ ରାଙ୍କରେ ଥିବା କେରଳର କସ୍ତୁରୀ ସା', ୭୧ ନଂ ରାଙ୍କରେ ଥିବା କେରଳର ଫବି ରସିଦ, ୧୨୫ନଂ ରାଙ୍କରେ ଥିବା ରାଜସ୍ଥାନର ମୃଣାଳିକା ରାଠୋର, ୨୦୪ ନଂ ରାଙ୍କରେ ଥିବା ଦିଲ୍ଲୀର ଶୁଭ୍ରା ପଣ୍ଡା, ୨୩୯ନଂ ରାଙ୍କରେ ଥିବା ଉତ୍ତରପ୍ରଦେଶର ପଥ୍ୱନ କୁମାର ଓ ୨୫୮ନଂ ରାଙ୍କର ମହାରାଷ୍ଟ୍ରର ବି.ଏସ୍ କଲ୍ୟାଣରାଓଙ୍କୁ ଓଡ଼ିଶା କ୍ୟାଡର ମିଳିଛି। ୩୬ ନଂ ରାଙ୍କରେ ଥିବା ଆୟୁଷୀ ପ୍ରଧାନଙ୍କୁ ଆସାମ-ମେଘାଳୟ କ୍ୟାଡର ମିଳିଛି।

ୟୁପି ଏସ ସି ଦ୍ୱାରା ପରିଚାଳିତ ଭାରତୀୟ ପ୍ରସନିକ ସେବା ତଥା ୨୦୨୩ ସିଭିଲ ସର୍ଭିସ ପରୀକ୍ଷାରେ ଦ୍ୱିତୀୟ ରାଙ୍କ ପାଇଥିଲେ ଅନିମେଶ। ସର୍ବ ଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ପରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରିବାକୁ ରୁଚି ରଖିଥିବା ସେ କହିଥିଲେ।

ଅନିମେଶଙ୍କ ବାପା ସ୍ୱର୍ଗତ ପ୍ରଭାକର ପ୍ରଧାନ ହିଙ୍ଗୁଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ। ପ୍ରଭାକରଙ୍କ ୨୦୧୭ରେ ପରଲୋକ ହୋଇଯାଇଛି। ତାଙ୍କ ମା ଅରୁଣା ପାତ୍ର ଏମ୍‌ସିଏର କର୍ମଚାରୀ ଥିଲେ। ତାଙ୍କର ଗତ ଜାନୁଆରି ମାସରେ ପରଲୋକ ହୋଇଯାଇଛି। ଭଉଣୀ ଅନୁଗୁଳ ଜିଲ୍ଲା ଛେଣ୍ଡିପଦାସ୍ଥିତ ଉଦ୍ୟାନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅନିମେଷ ତାଳଚେରସ୍ଥିତ କଳିଙ୍ଗ ଡିଏଭି ସ୍କୁଲରେ ପାଠପଢ଼ା ଆରମ୍ଭ କରିଥିଲେ। ଏଠାରେ ସେ ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ଏହା ପରେ ସେ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଇଂଜିନିୟରିଂ ପାଠ ପଢ଼ିଥିଲେ। ଦଶମ ଶ୍ରେଣୀରେ ଭଲ ନମ୍ବର ରଖିଥିଲେ ସେହିପରି ଯୁକ୍ତ ୨ରେ ୯୮.୪ ପ୍ରତିଶତ ନମ୍ବର ରଖିଥିଲେ।

# ପୁରୀ ଆସୁଥିବା ଶ୍ରଦ୍ଧାଳୁଙ୍କୁ ପରାମର୍ଶ ଦେଲା ପ୍ରଶାସନ

ପୁରୀ,୧୫।୧୨(ମହାଭାରତ): ଦେଶ ବିଦେଶରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ପୁରୀ ଆସିଥାନ୍ତି। ଏହା ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ପୁରୀ ବଡ଼ଦାଣ୍ଡରେ ଅପମିଶ୍ରତ ଖଜା ବିକ୍ରି ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହା ଉପରେ ପ୍ରଶାସନର ଛାଟ ଲାଗିଛି। ଜିଲ୍ଲା ପ୍ରଶାସନ ଏ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଛି। ଶ୍ରୀମନ୍ଦିର ବାହାରେ ବିକ୍ରି ହେଉଥିବା ଖଜା ମହାପ୍ରସାଦ ନୁହେଁ ବୋଲି ସିଧା ସିଧା ମନା କରିଦେଇଛି ଜିଲ୍ଲା ପ୍ରଶାସନ। ଏହାକୁ ମହାପ୍ରସାଦ ଭାବି କିଣନ୍ତୁ ନାହିଁ ବୋଲି କହିଛନ୍ତି ପୁରୀ ଜିଲ୍ଲାପାଳ।

ଶ୍ରୀମନ୍ଦିରରେ ଜଗା ଦର୍ଶନ ପରେ ଫେରିବା ବେଳେ ଶୁଖିଲି ଭୋଗ ଆଣିବାକୁ ଭୁଲିନଥାନ୍ତି ଭକ୍ତ। ପରିବାର ପାଇଁ ହେଉ କି ପାଖପଡୋଶୀଙ୍କ ପାଇଁ ଶ୍ରୀକ୍ଷେତ୍ରର ଛପନ ଭୋଗର ଅଂଶବିଶେଷ ଖଜାକୁ ମହାପ୍ରସାଦ ଭାବେ ଭକ୍ତ ନେଇଥାନ୍ତି। କିନ୍ତୁ ବଡ଼ଦାଣ୍ଡରେ ଅପମିଶ୍ରିତ ଖଜା ବିକ୍ରି ନେଇ ଖବର ପ୍ରସାରଣ ପରେ ଭକ୍ତଙ୍କୁ ସଚେତନ କରିଛି ଜିଲ୍ଲାପ୍ରଶାସନ।



କେବଳ ଭକ୍ତ ନୁହେଁ ବ୍ୟବସାୟୀଙ୍କୁ ମଧ୍ୟ ସତର୍କ କରିଛି ପ୍ରଶାସନ। ବଡ଼ଦାଣ୍ଡର କୌଣସି ବ୍ୟବସାୟୀ ମହାପ୍ରସାଦ କହି ଖଜା ବିକ୍ରି କରିବା ନଜର ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଚେତବନୀ ଦିଆଯାଇଛି।

ମହାପ୍ରସାଦ ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସ ସହ ଜଡିତ ଭକ୍ତଙ୍କ ଭାବାବେଗକୁ ଜରିଆ କରି କିଛି ଅସାଧୁ ବ୍ୟବସାୟୀ ମୁନାଫା ପାଇଁ ମହାପ୍ରସାଦ ନାଁରେ ଅପମିଶ୍ରିତ ଖଜା ବିକ୍ରି କରୁଛନ୍ତି। ବାହାରେ ବିକ୍ରି ହେଉଥିବା ଖଜା କେବଳ ସ୍ୱାଦିଷ୍ଟ ଖାଦ୍ୟ ଉଦ୍ଦେଶ୍ୟରେ ହୋଇଥିଲେ ହେଁ ଏହାକୁ ମହାପ୍ରସାଦ କହି ଯାତ୍ରୀଙ୍କୁ ଆକର୍ଷିତ କରୁଛନ୍ତି। ବ୍ୟବସାୟିକ ଫାଇଦା ପାଇଁ ସେମାନେ ନା କେବଳ ଲୋକଙ୍କ ଆସ୍ଥା ସହ ଖେଳ ଖେଳୁଛନ୍ତି, ବରଂ ମହାପ୍ରସାଦକୁ ମଧ୍ୟ ଅପମାନିତ କରୁଛନ୍ତି।

ଖଜା ବ୍ୟବସାୟରେ ଅଧିକ ଲାଭ ଆଶାରେ ମହାପ୍ରସାଦ ନାଁରେ ଭକ୍ତଙ୍କୁ ଲୁଟିବାକୁ ପଛାଉ ନାହାନ୍ତି। ତେଣୁ ବାହାରୁ ଖଜା କିଣୁଥିଲେ ଖଜା ବୋଲି କିଣି ନିଅନ୍ତୁ, ମହାପ୍ରସାଦ ନାଁରେ ଏହାର ଅପମାନ କରନ୍ତୁ ନାହିଁ ବୋଲି ସେବାୟତ ଓ ବୁଦ୍ଧିଜୀବୀ ଭକ୍ତଙ୍କୁ ଅନୁରୋଧ କରିଛନ୍ତି।

## ଶିକ୍ଷାର ଉନ୍ନତି ପାଇଁ ବଜେଟ୍ ବୃଦ୍ଧି ହୋଇଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୧୨(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବଲପୁର ଜିଲ୍ଲା ବୁର୍ଲା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ପ୍ଲାଟିନମ୍ ଜୟନ୍ତୀ ସମାରୋହରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ବିଦ୍ୟାଳୟର ଆଲୁମୁନି, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଏବଂ



ଛାତ୍ରଛାତ୍ରୀଙ୍କୁ ଶୁଭକାମନା ଜଣାଇଛନ୍ତି।

ସେ କହିଛନ୍ତି ଯେ, ସମସ୍ତ ବିଦ୍ୟାଳୟ ହେଉଛି ସମାଜ ଏବଂ ଆମ ସମସ୍ତଙ୍କ ପାଇଁ ଏକ ଶ୍ରେଷ୍ଠ ଅନୁଷ୍ଠାନ। ଏହି ବିଦ୍ୟାଳୟ କେବଳ ଏକ ସାଧାରଣ ଶିକ୍ଷାପୀଠ ନୁହେଁ ଏହା ଏକ ଐତିହାସିକ ଗୌରବଶାଳୀ ଅନୁଷ୍ଠାନ। ଏକ ମଣିଷ ଗଢା ମେସିନ ଭାବେ ଗତ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଅନବରତ ଭାବେ ଉତ୍ତମ ମଣିଷ ଗଢି ଚାଲିଛି। ସେମାନଙ୍କ ମଧ୍ୟରୁ ଆଜି ଅନେକ ଏ ରାଜ୍ୟର ନେତୃତ୍ୱ ନେବା ସହ ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ରାଜ୍ୟର ସମୃଦ୍ଧିରେ ଯୋଗଦାନ ଦେଇଛନ୍ତି। ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ଗୁଣାତ୍ମକ ଶିକ୍ଷା ପାଇଁ ଲୋକଙ୍କ ସରକାର ଗୁରୁତ୍ୱ ଦେଉଛନ୍ତି। ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେଇ ଶିକ୍ଷା ବଜେଟ ୧୯% କୁ ବୃଦ୍ଧି କରାଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜ୍ୟରେ ଜାତୀୟ ଶିକ୍ଷା-୨୦୨୦ ଲାଗୁ କରିବା ସହ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି।

# ରାଜ୍ୟର ୩ କୋଟି ଲୋକଙ୍କୁ ମିଳିବ ସ୍ୱାସ୍ଥ୍ୟକାର୍ଡ

ଭୁବନେଶ୍ୱର,୧୫।୧୨(ମହାଭାରତ): ଆଗାମୀ ଦୁଇ ବର୍ଷରେ ପ୍ରତି ପଞ୍ଚାୟତରେ ଥିବ ହେଲ୍‌ଥ ଆଣ୍ଡ ୱେଲନେସ ସେଣ୍ଟର ଖୋଲାଯିବ। ନ୍ୟାସନାଲ ଡାଏଲିସିସ ମିଶନ ଅଧୀନରେ ରାଜ୍ୟରେ ପିପିପି ମୋଡରେ ଡାଏଲିସିସ ସେଣ୍ଟର ଖୋଲାଯିବ। ରାଜ୍ୟରେ ଏକସଙ୍ଗେ ୩ କୋଟି ଲୋକଙ୍କୁ ମିଳିବ ସ୍ୱାସ୍ଥ୍ୟକାର୍ଡ। ଇନସ୍ୟୁରାନ୍ସ ନୁହେଁ ଆସ୍ୟୋରାନ୍ସ ମୋଡ୍‌ରେ ଚିକିତ୍ସା କରାଯିବ ଉଭୟ ଆୟୁଷ୍ମାନ ଓ ଗୋପବନ୍ଧୁ କାର୍ଡରେ ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ସାରା ଦେଶରେ ୨୭ ହଜାରରେ ହସ୍ପିଟାଲରେ ମିଳିବ ଚିକିତ୍ସା ସୁବିଧା। ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଏବେ ମାସକୁ ୩୨୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।



ଇଣ୍ଡସ ଭ୍ୟାଲି ଟାଇମ୍ସ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଭିଜନ ଓଡ଼ିଶା ହେଲଥକନକ୍ଲେଭରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ, ସ୍ୱାସ୍ଥ୍ୟ ସଂରଚନାକୁ ସୁଦୃଢ଼ କରିବା ପାଇଁ ସରକାରର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏବେ ରାଜ୍ୟରେ ଏବେ ପ୍ରାୟ ୧୧ଶହ ଥିବା ବେଳେ ଆଗାମୀ ୫ ବର୍ଷରେ ଏହାକୁ ଦ୍ୱିଗୁଣିତ କରାଯିବ। ଏହାଛଡା ଆଗାମୀ ଦିନରେ ରାଜ୍ୟରେ ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ କରିବା ପାଇଁ ସରକାର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି।

ଖୁବ୍ ଶୀଘ୍ର ରାଜ୍ୟରେ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେବ ଏବଂ ଏକାବେଳକେ ସାଢେ ତିନିକୋଟି ଲୋକଙ୍କୁ ଏଥିରେ ପ୍ରାୟ ଦେଶର ୨୭ ହଜାର ଡାକ୍ତରଖାନାରେ ମାଗଣାରେ ଉନ୍ନତ ଚିକିତ୍ସା ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ରାଜ୍ୟର ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ଦୃଢ଼ ସଙ୍କଳ୍ପବଦ୍ଧ ବୋଲି ଡ଼ଃ ମହାଲିଙ୍ଗ କହିଥିଲେ। ରାଜ୍ୟର ୪ କୋଟି ୩୦ ଲକ୍ଷ ଲୋକଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକାର୍ଡରେ ସାଢ଼େ ୩ କୋଟି ଲୋକ ସାମିଲ ହେବେ।

## ଓଡ଼ିଶା ଭିଜନ ପାଇଁ ୩ ଲକ୍ଷ ମତାମତ ଗ୍ରହଣ

ଭୁବନେଶ୍ୱର,୧୫।୧୨(ମହାଭାରତ): ୨୦୩୬ ଓ ୨୦୪୭ ଓଡ଼ିଶା ଭିଜନ ପାଇଁ ଦେଶ ତଥା ବିଦେଶରୁ ଇମେଲ, ହ୍ୱାଟସ୍ ଆପ୍ ଏବଂ ୱେବସାଇଟ୍ ମାଧ୍ୟମରେ ୩ ଲକ୍ଷରୁ ଅଧିକ ନାଗରିକ ନିଜ ନିଜର ପରାମର୍ଶ ପ୍ରେରଣ କରିଛନ୍ତି। ବିକାଶ ଭାରତ ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଜୀ ସମସ୍ତ ଯୋଗଦାନକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅଭିନବ ପଦକ୍ଷେପ ନାଗରିକଙ୍କ ଦ୍ୱାରା ପରିଚାଳିତ ନୀତିନିୟମ ବୃଦ୍ଧି ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର (ଏଆଇ)ର ଉପଯୋଗ କରିବାକୁ ଓଡିଶାର ପ୍ରତିବଦ୍ଧତାକୁ ଦର୍ଶାଉଛି। ସମୃଦ୍ଧ ଓଡିଶାର ଦୂରଦୃଷ୍ଟି ହାସଲ କରିବାରେ ସାମୂହିକ ପ୍ରୟାସର ଶକ୍ତି ଉପରେ ଗୁରୁତ୍ୱ ଦେଇ ପ୍ରଭୃତି ପାରିଦା ମଧ୍ୟ ସେମାନଙ୍କର ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡ଼ା ମଧ୍ୟ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି।

# ଉସ୍ତାଦ ଜାକିର ହୁସେନଙ୍କ ପରଲୋକ

ନ୍ୟୁୟର୍କ,୧୫।୧୨(ଏଜେନ୍ସି): ବିଶିଷ୍ଟ ଭାରତୀୟ ବଂଶୋଦ୍ଭବ ତବଲା ବାଦକ ଉସ୍ତାଦ ଜାକିର ହୁସେନଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଡିସେମ୍ବର ୧୫ ତାରିଖ ରବିବାର ଦିନ ତାଙ୍କୁ ଆମେରିକାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ଚାଲିଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ସଂଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି।



ତାଙ୍କୁ ଭାରତ ସରକାର ୧୯୮୮ ପଦ୍ମଶ୍ରୀ, ୨୦୦୨ ପଦ୍ମଭୂଷଣ ଏବଂ ୨୦୨୩ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ। ୧୯୯୯ ମସିହାରେ ତାଙ୍କୁ ଆମେରିକାର ନ୍ୟାସନାଲ ଆଣ୍ଡୋମେଣ୍ଟ ଫର ଦି ଆର୍ଟସେ ପକ୍ଷରୁ ନ୍ୟାସନାଲ ହେରିଟେଜ୍ ଫେଲୋସିପ୍ ପ୍ରଦାନ କରାଯାଇଥିଲା। ଜାକିର ହୁସେନଙ୍କ ପିତା ଆଲ୍ଲା ରାଖା ମଧ୍ୟ ଜଣେ ପ୍ରସିଦ୍ଧ ତବଲା ବାଦକ ଥିଲେ। ୧୯୫୧ ମସିହା ମାର୍ଚ୍ଚ ୯ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ ଉସ୍ତାଦ ଜାକିର ହୁସେନ। ତାଙ୍କ ପିତା ଉସ୍ତାଦ୍ ଆଲ୍ଲା ରାଖା ମଧ୍ୟ ଦେଶର ଜଣେ ପ୍ରସିଦ୍ଧ ତବଲା ବାଦକ ଥିଲେ। ପିତାଙ୍କ ପଥ ଅନୁସରଣ କରି ଉସ୍ତାଦ୍ ଜାକିର ହୁସେନ୍ ସଙ୍ଗୀତକୁ ତାଙ୍କ କ୍ୟାରିୟର ଭାବରେ ବାଛିଥିଲେ ଏବଂ ଏହାକୁ ମଧ୍ୟ ତାଙ୍କ ଜୀବନର ବ୍ରତ କରିଥିଲେ। ଜାକିର ହୁସେନ୍ ବହୁତ କମ ବୟସରୁ ତବଲା ଶିଖିବା ଆରମ୍ଭ କରିଥିଲେ। ତାଙ୍କ ପିତା ହିଁ ତାଙ୍କର ପ୍ରଥମ ଗୁରୁ ଥିଲେ, ଯାହାଙ୍କ ପାଖରୁ ସେ କେବଳ ୧୧ ବର୍ଷ ବୟସରେ ତବଲା ତାଲିମ ନେଇଥିଲେ। ସଙ୍ଗୀତ ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଦେଶର ୨ୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ବିଭୂଷଣ ପ୍ରଦାନ କରାଯାଇଥିଲା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ତାଙ୍କର ଅବଦାନ ଅତୁଳନୀୟ। ନିଜର ଅସାଧାରଣ ପ୍ରତିଭା ପାଇଁ ସେ ଗତ କିଛି ବର୍ଷ ମଧ୍ୟରେ ଅନେକ ପୁରସ୍କାର ପାଇଛନ୍ତି। ହୁସେନଙ୍କ ବନ୍ଧୁ ତଥା ବଂଶୀବାଦକ ରାକେଶ ଚୌରାସିଆ ଗଣମାଧ୍ୟମକୁ କହିଛନ୍ତି ଯେ ଜାକିର ହୁସେନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଗତ ସପ୍ତାହରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଗତ ସପ୍ତାହରେ ହୃଦ୍ ଜନିତ ସମସ୍ୟା ପାଇଁ ତାଙ୍କୁ ସାନ୍ ଫ୍ରାନ୍ସିସ୍କୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବନି ବିଜେଡି

ନୂଆଦିଲ୍ଲୀ,୧୫।୧୨(ମହାଭାରତ): ସାଧାରଣ ନିର୍ବାଚନ ପରାଜୟ ପରେ ରାଜ୍ୟରେ ବିଜେଡି-ବିଜେପି ଆରୋପ-ପ୍ରତ୍ୟାରୋପ ବଢୁଥିବା ବେଳେ ଦିଲ୍ଲୀର କିନ୍ତୁ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ରାଜ୍ୟସଭା ଅଧ୍ୟକ୍ଷ ଜଗଦିପ ଧନଖଡଙ୍କ ଅନାସ୍ଥା ପ୍ରସ୍ତାବକୁ ବିଜେଡି ସମର୍ଥନ କରିବ କି ନାହିଁ ସେ ନେଇ ଦ୍ୱନ୍ଦ୍ୱରେ ସମସ୍ତେ ରହିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କୁଆଡ଼େ ବଡ଼ ଖେଳ କରିବେ ବୋଲି ଚର୍ଚ୍ଚା ହେଉଥିଲା। ଏନେଇ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ବୟାନ ସାମନାକୁ ଆସିବା ପରେ ରାଜ୍ୟ ରାଜନୀତି ସରଗରମ ହୋଇପଡିଛି।



ସାଂସଦ ଶ୍ରୀ ବିଶି କହିଛନ୍ତି, ଆମେ ରାଜ୍ୟସଭା ଅଧ୍ୟକ୍ଷଙ୍କ ସପକ୍ଷରେ ରହିଛୁ। ବିଜେଡି ଏହି ଅନାସ୍ଥା ପ୍ରସ୍ତାବରେ ଦସ୍ତଖତ କରିନାହିଁ। ଏହାର ଅର୍ଥ ଆମେ ସପକ୍ଷରେ ରହିଛୁ। ଅନାସ୍ଥା ପ୍ରସ୍ତାବକୁ ବିରୋଧ କରିବୁ। ବିଜେଡି ସଭାପତି ନବୀନ ପଟ୍ଟନାୟକ ମଧ୍ୟ ଅନାସ୍ଥା ସପକ୍ଷରେ ନାହାନ୍ତି। ଆଗରୁ ଆମେ କହିଛୁ ଆମେ ପୂର୍ବରୁ ନିରପେକ୍ଷ ଥିଲୁ ଓ ଏବେ ବି ନିରପେକ୍ଷ ରହିଛୁ। ତେବେ ବିଜେପିକୁ ଯିବା ନେଇ ଚର୍ଚ୍ଚାକୁ ଖଣ୍ଡନ କରି ସାଂସଦ ବିଶି କହିଛନ୍ତି ଯେ, ଦଳରୁ କେହି ବିଜେପିକୁ ଯାଉନାହାଁନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ଓ ବିଜେପିର ବିଜୟ ପରେ ଉଭୟ ଦଳ ମଧ୍ୟରେ ଭିତିରିଆ। ସମ୍ପର୍କ ଏକପ୍ରକାର ବନ୍ଦ ନେଇ ଚର୍ଚ୍ଚା ହୋଇଥିଲା। ଏହା ପରେ ମଧ୍ୟ ଉଭୟ ଦଳର ନେତା ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରିବ ସମଦୂରତା ଥିବା ସଂକେତ ଦେଇସାରିଥିଲେ। ଏବେ ନିର୍ବାଚନ ଫଳାଫଳର ୬ ମାସ ପରେ ଏବେ ପୁଣିଥରେ ବିଜେପି ଓ ବିଜେଡି ସମ୍ପର୍କକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା।

# ନକ୍ସଲ ମୁକ୍ତ ଅଭିଯାନରେ ଛତିଶଗଡ଼ ପୋଲିସକୁ ଶାହାଙ୍କ ପ୍ରଶଂସା

ନୂଆଦିଲ୍ଲୀ,୧୫।୧୨(ପିଆଇବି): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ରାୟପୁରରେ ଛତିଶଗଡ଼ ପୁଲିସକୁ ସମ୍ମାନଜନକ 'ପ୍ରେସିଡେଣ୍ଟ୍ସ କଲର' ପ୍ରଦାନ କରିଛନ୍ତି ଏହି ଉତ୍ସବରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସେହିପରି ଜଗଦଲପୁର ଠାରେ ଅସ୍ତ୍ରଶସ୍ତ୍ର ଛାଡି ସମାଜର ମୁଖ୍ୟଧାରାରେ ଯୋଗ ଦେଇଥିବା ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ଏବଂ ଆସାମର

**ବନ୍ଧୁକ ଛାଡିଥିବା ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ଏବଂ ଆସାମର ଲୋକଙ୍କୁ ଭେଟିଲେ**

ଲୋକଙ୍କୁ ଭେଟିଛନ୍ତି।

କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ 'ପ୍ରେସିଡେଣ୍ଟ୍ସ କଲର' ପାଇବା ଏକ ଗୌରବର ବିଷୟ, ଯାହା ଯେ କୌଣସି ସଶସ୍ତ୍ର ବାହିନୀ ପାଇଁ ଏକ ସମ୍ମାନର ସ୍ୱୀକୃତି। ଛତିଶଗଡ଼ ପୁଲିସ ପ୍ରତିଷ୍ଠାର ମାତ୍ର ୨୫ ବର୍ଷ ମଧ୍ୟରେ ଏହି ସମ୍ମାନ ହାସଲ କରିଥିବାରୁ ସେ ତାଙ୍କୁ ପ୍ରଶଂସା କରିଥିଲେ। ଶ୍ରୀ ଶାହ ଛତିଶଗଡ଼ ପୋଲିସକୁ ଦେଶର ଅନ୍ୟତମ ଶ୍ରେଷ୍ଠ ବାହିନୀ ବୋଲି କହିଥିଲେ, ଯାହା ଏହାର ଉତ୍ସାହ, ସାହସ, ବୀରତ୍ୱ ଏବଂ ସମର୍ପଣ ପାଇଁ ପ୍ରସିଦ୍ଧ। ରୌପ୍ୟ ଜୟନ୍ତୀ ବର୍ଷରେ 'ପ୍ରେସିଡେଣ୍ଟ୍ସ କଲର' ପାଇବା ବାହିନୀର ନିରନ୍ତର ପରିଶ୍ରମ, ପ୍ରତିବଦ୍ଧତା, ସାହସିକତା ଏବଂ ଜନସାଧାରଣଙ୍କ ସହ ଗଭୀର ସମ୍ପର୍କର ପ୍ରମାଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ଆଇନ ଶୃଙ୍ଖଳା ବଜାୟ ରଖିବା, ନକ୍ସଲବାଦର ମୁକାବିଲା, ନିଶାମୁକ୍ତ ଭାରତ ଅଭିଯାନକୁ ଆଗେଇ ନେବା, ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ରାଜ୍ୟର ନାଗରିକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ଛତିଶଗଡ଼ ପୁଲିସର ଉଲ୍ଲେଖନୀୟ ସେବା ପାଇଁ ସେ ପ୍ରଶଂସା କରିଥିଲେ। ଶ୍ରୀ ଶାହ ଛତିଶଗଡରେ ଶାନ୍ତି ଓ ନିରାପତ୍ତା ବୃଦ୍ଧି ରେ ବାହିନୀର ଅତୁଟ ସମର୍ପଣ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ।



ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ସାହସ ଓ ସଂକଳ୍ପ ହିଁ ଦେଶକୁ ଏକଜୁଟ କରିଛି ବୋଲି ସେ କହିଥିଲେ। ଶ୍ରୀ ଶାହ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧାରା ୩୭୦ ଉଚ୍ଛେଦ କରି ସର୍ଦ୍ଦାର ପଟେଲଙ୍କ ଅସମ୍ପୂର୍ଣ୍ଣ ମିଶନକୁ ପୂରଣ କରିଥିଲେ, ଯାହା ଦ୍ୱାରା କାଶ୍ମୀରକୁ ସ୍ଥାୟୀ ଭାବରେ ଭାରତ ସହ ମିଶ୍ରଣ କରାଯାଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମଗ୍ର ଦେଶ ଆଜି ସର୍ଦ୍ଦାର ପଟେଲଙ୍କୁ ଗଭୀର କୃତଜ୍ଞତାର ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଶ୍ରୀ ଅମିତ ଶାହ କହିଥିଲେ ଯେ ଛତିଶଗଡ଼ ଗଠନ ପାଇଁ ଦୀର୍ଘ ଦିନର ଦାବି ଅଟଳ ବିହାରୀ ବାଜପେୟୀ ପୂରଣ କରିଥିଲେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଛତିଶଗଡ଼ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲ ମୁକ୍ତ ହେବ ବୋଲି ଗୃହମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଛନ୍ତି। କେବଳ ଛତିଶଗଡ଼ ନୁହେଁ, ଦେଶର ଅନ୍ୟ ରାଜ୍ୟରୁ ମଧ୍ୟ ନକ୍ସଲବାଦକୁ ହଟାଇବା ପାଇଁ ମୋଦୀ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଏହି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବାରେ ଛତିଶଗଡ଼ ପୋଲିସର ସାହସିକତାକୁ ସେ ସ୍ୱୀକାର କରିବା ସହ ଗତ ଏକ ବର୍ଷ ମଧ୍ୟରେ ନକ୍ସଲ ବିରୋଧରେ ଲଢେଇରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଏକ ବର୍ଷ ମଧ୍ୟରେ ନକ୍ସଲ ବିରୋଧୀ ଲଢ଼େଇରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ସୁରକ୍ଷା ବାହିନୀ ୨୮୭ ଜଣ ନକ୍ସଲଙ୍କୁ ନ୍ୟୁଟ୍ରାଲାଇଜ୍ କରିଥିବା ବେଳେ ୧୦୦୦ ଜଣଙ୍କୁ ଗିରଫ କରିବା ସହ ୮୩୭ ଜଣ ନକ୍ସଲଙ୍କୁ ଆତ୍ମସମର୍ପଣ କରିବାରେ ସହାୟକ ହୋଇଛନ୍ତି। ନିହତ ହୋଇଥିବା ନେତାଙ୍କ ମଧ୍ୟରେ ୧୪ ଜଣ ଶୀର୍ଷ ସ୍ତରୀୟ ନକ୍ସଲ ନେତା ବୋଲି ସେ ଉଲ୍ଲେଖ କରିଛନ୍ତି। ଗତ ୪ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ନକ୍ସଲ ହିଂସାରେ ସାଧାରଣ ନାଗରିକ ଓ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ସଂଖ୍ୟା ୧୦୦ ତଳକୁ ଖସିଆସିଛି ବୋଲି ଶ୍ରୀ ଶାହ ଆଲୋକପାତ କରି ନକ୍ସଲବାଦ ବିରୋଧରେ ମୋଦୀ ସରକାରଙ୍କ କଠୋର ନୀତିକୁ ପ୍ରଶଂସା କରିଛନ୍ତି। ସେ ଆହୁରିମଧ୍ୟ କହିଛନ୍ତିଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଗତ ଦଶନ୍ଧି ମଧ୍ୟରେ ନକ୍ସଲବାଦକୁ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରଣ କରାଯାଇଛି, ଯାହାଫଳରେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ୭୩% ହ୍ରାସ ପାଇଛି ଏବଂ ସାଧାରଣ ନାଗରିକଙ୍କ ମୃତ୍ୟୁ ପୂର୍ବ ଦଶନ୍ଧି ତୁଳନାରେ ୭୦% ହ୍ରାସ ପାଇଛି ଗତ ବର୍ଷକ ମଧ୍ୟରେ ନକ୍ସଲବାଦକୁ ନିର୍ଣ୍ଣାୟକ ଭାବରେ ଦମନ କରିବା ପାଇଁ ଛତିଶଗଡ଼ ପୁଲିସ ଅନ୍ୟ ସୁରକ୍ଷା ଏଜେନ୍ସି ସହ ମିଶିଥିବାରୁ ଗୃହମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଥିଲେ ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଛତିଶଗଡ଼ରେ ଅନେକ ଉନ୍ନୟନମୂଳକ ପ୍ରକଳ୍ପ କରାଯାଇଛି ବୋଲି ସେ ଦର୍ଶାଇଛନ୍ତି।

# ମଣିପୁରରେ ୨ ପ୍ରବାସୀ ଶ୍ରମିକଙ୍କୁ ହତ୍ୟା

ମଣିପୁର,୧୫।୧୨(ମହାଭାରତ): ମଣିପୁରରେ ଥମିବାର ନାଁ ଧରୁନାହିଁ ହିଂସା। ଗତକାଲି କାକଚିଙ୍ଗ ଜିଲ୍ଲାରୁ ପୁଣି ହିଂସାତ୍ମକ ଘଟଣା ସାମ୍ନାକୁ ଆସିଛି। ବିହାରର ୨ଜଣ ପ୍ରବାସୀ ଶ୍ରମିକଙ୍କୁ ଉଗ୍ରବାସୀମାନେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସର ସୂଚନା ମୁତାବକ, ଶନିବାର ସଂଧ୍ୟା ପ୍ରାୟ ୫ଟା ବେଳେ କାକଚିଙ୍ଗ-ୱାବାଗଇ ରୋଡରେ କେଇରାକ୍ ପଞ୍ଚାୟତ ନିକଟରେ ଏହି ହତ୍ୟାକାଣ୍ଡ ହୋଇଛି। ମୃତକ ହେଲେ ବିହାର ଗୋପାଳଗଞ୍ଜ ଜିଲ୍ଲାର ସୁନାଲାଲ କୁମାର ଏବଂ ଦଶରଥ କୁମାର। ଦୁଇ ଶ୍ରମିକ ମୈତେଇ ସମ୍ପ୍ରଦାୟର ଦବଦବା ଥିବା କାକଚିଙ୍ଗ ଅଞ୍ଚଳରେ ଭଡ଼ାଟିଆ ଭାବେ ରହୁଥିଲେ। କାକଚିଙ୍ଗ ପୋଲିସ ଅନୁଯାୟୀ, ବିହାରର ଦୁଇ ଶ୍ରମିକ ନିଜ ଘରକୁ ଫେରୁଥିବା ବେଳେ ବନ୍ଧୁକଧାରୀ ଉଗ୍ରବାଦୀମାନେ ସେମାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁଇ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଏହା ପୂର୍ବରୁ ଇମ୍ଫାଲର ପଶ୍ଚିମ ଜିଲ୍ଲାରେ ଝାଡ଼ଖଣ୍ଡର ୩ଜଣ ଶ୍ରମିକଙ୍କୁ ଉଗ୍ରବାଦୀମାନେ ଘରୁ ଡାକିଆଣି ଗୁଳି କରିଥିଲେ। ଏଥିରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ଏବଂ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଥିଲେ।

## ସ୍ୱାସ୍ଥ୍ୟ ପାଇଁ ଉପକାରୀ ଗରମ ମସଲା

ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ଗରମ ମସଲାର ବ୍ୟବହାର କରାଯାଇଥାଏ । ଏହା କେବଳ ଖାଦ୍ୟର ସ୍ୱାଦକୁ ବଢାଇନଥାଏ, ସ୍ୱାସ୍ଥ୍ୟକୁ ଲାଭ ମଧ୍ୟ ପହଞ୍ଚାଇଥାଏ । ୧୦ରୁ ଅଧିକ ମସଲା, ଯେପରିକି ଡାଲଚିନି, ତେଜପତ୍ର, ଲବଙ୍ଗ, ଗୁଜୁରାତି, ହଳଦୀ, ଜୀରା, ଧନିଆ, ଗୋଲମରିଚକୁ ଗ୍ରାଇଣ୍ଡି କରି ମସଲା ପ୍ରସ୍ତୁତ କରାଯାଉଥିବାରୁ ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ତେବେ ଆସନ୍ତୁ ଜାଣିବା,ଗରମ ମସଲା ଖାଇଲେ କେଉଁସବୁ ଲାଭ ମିଳିଥାଏ ।



୧- ଗରମ ମସଲା ଖାଇଲେ ପାଚନ କ୍ରିୟା ଠିକ୍ ରହିଥାଏ । ତେଣୁ କୋଷ୍ଠ କାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

୨- ଏହାକୁ ଖାଇଲେ ଶରୀରରେ ୱେଟ୍ ବର୍ଣ୍ଣ ହୋଇଥାଏ । ଗବେଷଣା ଅନୁସାରେ ଏଥିରେ ଫାଇବର ଥିବାରୁ ଓଜନ ହ୍ରାସ ହୋଇଥାଏ ।

୩- ଯେଉଁମାନଙ୍କୁ ଭୋକ କମ୍ ହେଉଛି,ସେମାନେ ଗରମ ମସଲା ଖାଆନ୍ତୁ । ଏହାଦ୍ୱାରା ପେଟରେ ପାଚନ ରସ ବଢିଥାଏ । ଗରମ ମସଲାରେ ଲବଙ୍ଗ, ଜୀରା ରହିଥିବାରୁ ଏସିଡିଟି କମ୍ ହୋଇଥାଏ ।

୪- ଶରୀରରେ ମେଟା ବୋଲିଜିମ୍ ବଢିଲେ ଓଜନ କମ୍ ହେବ । କେବଳ ଏତିକି ନୁହେଁ, ମୋଟାବୋଲିଜିମ୍ ସୁସ୍ଥ ରହିଲେ,ଶରୀରକୁ ଶକ୍ତି ମିଳିଥାଏ । ଗରମ ମସଲାରେ ଗୋଲମରିଚ ମେଟାବୋଲିଜିମକୁ ସୁସ୍ଥ ରଖିଥାଏ ।

୫- ଗରମ ମସଲାରେ ଥିବା ଜୀରା ଏକ ଆଣ୍ଟି-ଡାଇବେଟିକ୍ ଏଜେଣ୍ଟ । ଏହା ଡାଇବେଟିସର ଲକ୍ଷଣକୁ କମ୍ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ ।

୬- ଜୀରା, ଡାଲଚିନି ଓ ଗୋଲମରିଚରେ ଆଣ୍ଟି-ଅକ୍ସିଡାଣ୍ଟ ଓ ଆଣ୍ଟି-ଇନଫ୍ଲାମେଣ୍ଟାରୀ ଗୁଣ ରହିଛି । ତେଣୁ ଏହା ହାର୍ଟକୁ ସୁସ୍ଥ ରଖିଥାଏ ।

ମନେରଖନ୍ତୁ ଆବଶ୍ୟକତାଠାରୁ ଅଧିକ ଗରମ ମସଲା ଖାଇବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ।

# ସୁନ୍ଦର ତ୍ୱଚା ଓ କେଶ ପାଇଁ

କମଳା ଖାଇବାକୁ ଯେପରି ସୁଆଦିଆ ଓ ସ୍ୱାସ୍ଥ୍ୟ ପାଇଁ ହିତକାରକ, ସେଭଳି ଏହାର ଚୋପାର ଫେସ ପ୍ୟାକ ମଧ୍ୟ ତ୍ୱଚା ପାଇଁ ଖୁବ ଉପକାରୀ ।

- ପ୍ରଥମେ କମଳାର ଚୋପାକୁ ଭଲ ଭାବେ ଖରାରେ ଶୁଖାଇ ଦିଅନ୍ତୁ । ଭଲ ଭାବେ ଶୁଖାଇବା ପରେ ଏହାକୁ ପେଷି ଦିଅନ୍ତୁ । ପେଷିବା ପରେ ଏହି କମଳା ଚୋପା ଗୁଣ୍ଡରେ ହଳଦୀ ଗୁଣ୍ଡ ମିଶାଇ ଭଲ ଭାବେ ମିଶାଇ ଦିଅନ୍ତୁ ।
- ଭଲ ଭାବେ ମିଶାଇବା ପରେ ଏଥିରେ ଗୋଲାପ ଜଳ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ ।
- ଏହି ପେଷ୍ଟକୁ ମୁହଁରେ ଲଗାଇ କିଛି ସମୟ ରଖି ଦିଅନ୍ତୁ । ଶୁଖିବା ପରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ ।
- ସପ୍ତାହକୁ ଥରେ ଏହାକୁ ଲଗାଇଲେ ନିଜେ ଏହାର ଚମତ୍କାରିତା ଅନୁଭବ କରି ପାରିବେ ।



କେଶ ଝଡ଼ିବାକୁ ରୋକିବା ପାଇଁ:

ପାନର ପତ୍ରକୁ ବ୍ୟବହାର କରି ଏହି ସମସ୍ୟାକୁ ଦୂର କରିହେବ । ଏଥିପାଇଁ ସର୍ବପ୍ରଥମେ ପାନ ପତ୍ରକୁ ପେଷି ଦିଅନ୍ତୁ । ଏହାପରେ ସେହି ପେଷ୍ଟରେ ରାଶି କିମ୍ବା ନଡ଼ିଆ ତେଲ ମିଶାଇ କେଶ ମୂଳରେ ଲଗାନ୍ତୁ ।

ଏକ ଘଣ୍ଟା ରଖିବା ପରେ ମୁଣ୍ଡ ସଫା କରି ଦିଅନ୍ତୁ ।

ପାନ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି । ଯାହା ମୁହଁର ଦାଗ ଦୂର କରିଥାଏ । ଗୋଟିଏ କିମ୍ବା ଦୁଇଟି ପାନ ପତ୍ରକୁ ଭିଜାଇ କିଛି ସମୟ ରଖନ୍ତୁ ।

ଏହାପରେ ଏହାକୁ ପେଷି ଦିଅନ୍ତୁ । ଏହି ପେଷ୍ଟରେ ହଳଦୀ ମିଶାନ୍ତୁ । ଏହାକୁ ମୁହଁରେ ଲଗାନ୍ତୁ ।

ଦିନକୁ ୨ଥର ଏହାକୁ ଲଗାଇଲେ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ ।

ଗାଧୋଇବା ପୂର୍ବରୁ ପାନ ପତ୍ରରେ ପ୍ରସ୍ତୁତ ତେଲ ଲଗାନ୍ତୁ । ଏହାକୁ ଲଗାଇଲେ ଶରୀରର ଦୁର୍ଗନ୍ଧ ଦୂର ହୋଇଥାଏ ।

# ଘରେ ଲଗାନ୍ତୁ ୭ଟି ଦୌଡୁଥିବା ଧଳା ଘୋଡାର ଫଟୋ, ମିଳିବ ସଫଳତା



ଅନେକ ଥର, ବହୁତ ପରିଶ୍ରମ କରିବା ପରେ ମଧ ସଠିକ୍ ଫଳ ମିଳିନଥାଏ । ଏହା ପଛର କାରଣ ଘରର ବାସ୍ତୁ ଦୋଷ ହୋଇଥାଏ । ଏହି କାରଣରୁ, ସଫଳତା ଏବଂ ପ୍ରଗତିର ପଥରେ ବାଧା ଆସିବା ସହିତ ଘରେ ଚିନ୍ତା ବୃଦ୍ଧି ପାଇବାରେ ଲାଗିଥାଏ । କିନ୍ତୁ ଆପଣ ଏହାକୁ ଅତି ସରଳ ଉପାୟରେ ଠିକ୍ କରିପାରିବେ । ବାସ୍ତୁ ଶାସ୍ତ୍ରରେ ୭ ଅଙ୍କ ବିଶିଷ୍ଟ ଧଳା ଘୋଡାମାନଙ୍କର ବିଶେଷ ଗୁରୁତ୍ୱ ରହିଛି । ତେଣୁ, ଘରେ ସାତ ଅଙ୍କ ବିଶିଷ୍ଟ ଧଳା ଘୋଡାର ଫଟୋ ଲଗାଇବା ଦ୍ୱାରା, ବାସ୍ତୁ ତ୍ରୁଟି ଦୂର ହେବା ସହିତ ଜୀବନର ଅନେକ ସମସ୍ୟାରୁ ମୁକ୍ତି ପାଇପାରିବେ । ତେବେ ଆସନ୍ତୁ ଜାଣିବା ଏହା ବିଷୟରେ ବିସ୍ତୃତ ଭାବରେ

ବାସ୍ତୁରେ ୭ ଅଙ୍କର ମହତ୍ତ୍ୱ :ବାସ୍ତୁ ଶାସ୍ତ୍ରରେ ୭ ଅଙ୍କକୁ ବହୁତ ଗୁରୁତ୍ୱ ଦିଆଯାଇଥାଏ । ଏହାକୁ ଶୁଭର ପ୍ରତୀକ ଏବଂ ଫଳପ୍ରଦ ଭାବରେ ବିବେଚନା କରାଯାଏ । ଏଥି ସହିତ, ୭ ର ସଂଖ୍ୟା ମଧ ସପ୍ତ ଋଷି, ଇନ୍ଦ୍ର ଧନୁର ସାତୋଟି ରଙ୍ଗ, ସାତ ଘେରା ବୁଲିବା ଇତ୍ୟାଦି ସହିତ ଜଡିତ । ତେଣୁ ଏହାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ତେବେ ଚାଲନ୍ତୁ ଜାଣିବା ସାତଟି ଧଳା ଘୋଡାର ଫଟୋ ରଖିବାର ଫାଇଦା

ସଫଳତା ଏବଂ ପ୍ରଗତି ଆଣିଥାଏ : ବାସ୍ତୁ ଅନୁଯାୟୀ, ଦୌଡୁଥିବା ଘୋଡା ସଫଳତା, ଗତି ଏବଂ ଶକ୍ତିର ପ୍ରତୀକ ହୋଇଥାଏ । ତେଣୁ ଏହାର ଫଟୋକୁ ଘରେ ଲଗାଇବା ଦ୍ୱାରା ପ୍ରଗତି ଏବଂ ସଫଳତାର ପଥ ଖୋଲିଥାଏ । ଆହୁରି ମଧ, ଘରେ ସୁଖ, ସମୃଦ୍ଧତା ଏବଂ ଶାନ୍ତିର ବାସ ହୋଇଥାଏ ।

**କାର୍ଯ୍ୟ କ୍ଷେତ୍ରରେ ମିଳିବ ସଫଳତା :**

ଆପଣଙ୍କ କାର୍ଯ୍ୟ କ୍ଷେତ୍ରରେ ଦୌଡୁଥିବା ୭ ଟି ଧଳା ଘୋଡାର ଫଟୋ ରଖନ୍ତୁ । ଏହା ବ୍ୟବସାୟ ଅଭିବୃଦ୍ଧିରେ ସାହାଯ୍ୟ କରିବ । ଯଦି ଆପଣ ଘରେ କାମ କରୁଛନ୍ତି, ତେବେ ଏହି ଫଟୋକୁ ଘରର ପୂର୍ବ କାନ୍ଥରେ ଲଗାନ୍ତୁ । ଅଫିସ୍ ଏବଂ ଦୋକାନର ଦକ୍ଷିଣ ଦିଗରେ ଏହି ଫଟୋ ରଖନ୍ତୁ ।

**ଆର୍ଥିକ ସମସ୍ୟା ହେବ ଦୁର :**

ଘରେ ଏପରି ସ୍ଥାନରେ ଦୌଡୁଥିବା ୭ଟି ଘୋଡାର ଫଟୋ ଲଗାନ୍ତୁ ଯେପରି ଏହା ସମସ୍ତଙ୍କୁ ଦେଖାଯାଉଥିବ । ଏହା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ, ସମୃଦ୍ଧି ବୃଦ୍ଧି ହୋଇଥାଏ ।



# ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ । ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ । ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ । ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି । ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ ରହିଛି । ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ । ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:

ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି । ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ । ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

ମୋଟାପଣ କମ କରିଥାଏ:

ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ । ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ । ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ ।

ଗ୍ୟାସ ସମସ୍ୟାରୁ ମୁକ୍ତି:

ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ । ଯଦି ଆପଣ ମଧ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ । ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ ।

ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:

ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ । ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ ।

ରକ୍ତ ସଞ୍ଚାଳନ ଉତ୍ତମ ରଖେ:

ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ । ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

# କ୍ୟାନସର ହେବା ପୂର୍ବରୁ ଦେଖାଯାଏ ଏହି ଲକ୍ଷଣ

କ୍ୟାନସର ବା କର୍କଟ ହେଉଛି ଏକ ଅସାଧ ରୋଗ । ଏହି ରୋଗର ଶୀକାର ହେଲେ ବଞ୍ଚିବାର ଆଶା କମ୍ । ଆଜି ମଧ ଅନେକ ଲୋକ ଏଥିରେ ଶିକାର ହୋଇ ଚିକିତ୍ସିତ ହେଉଛନ୍ତି । ବ୍ରେନ୍, ସ୍ତନ କର୍କଟ, ରକ୍ତ କର୍କଟ ଓ ଚର୍ମ କର୍କଟ ଭଳି କ୍ୟାନସରର ଅନେକ ପ୍ରକାର ରହିଛି । ଏହି ରୋଗରୁ ମକ୍ତି ପାଇବା ପାଇଁ ଏବେ ସୁଦ୍ଧା କୌଣସି ଉପାୟ ବାହାରି ପାରି ନାହିଁ । କିନ୍ତୁ ଏହାର ପ୍ରାଥମିକ ଲକ୍ଷଣ ବାବଦରେ ଜାଣିପାରିବେ ଏହାକୁ କାବୁ କରାଯାଇ ପାରିବ । କର୍କଟ ରୋଗକୁ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଫେବ୍ରୁଆରୀ ୪ ତାରିଖରୁ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଏ । ଆମେ ଆଫଣଙ୍କୁ କହିବୁ



କ୍ୟାନସରର ପ୍ରାଥମିକ ଲକ୍ଷଣ ବାବଦରେ ।

ଶ୍ୱାସକ୍ରିୟାରେ ଅସୁବିଧା ଓ ଅନିୟମିତତା: ଲଗାତର କାମ କଲେ କିମ୍ବା ଦଉଡିଲେ ଶ୍ୱାସକ୍ରିୟା ଓ ହୃତସ୍ପନ୍ଦନ ବୃଦ୍ଧି ପାଏ । କିନ୍ତୁ କିଛି ଲୋକ ବିନା କାରଣରେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥାନ୍ତି । ଏହା କ୍ୟାନସରର କାରଣ ହୋଇପାରେ । ଏପରି ସମସ୍ୟାର ସମ୍ମୁଖୀନ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ଭୋକ କମ୍ ଲାଗିବା କିମ୍ବା ଜମା ନଲାଗିବା: ପ୍ରାୟ ସମସ୍ତଙ୍କୁ ପାଚନ ଜନିତ ସମସ୍ୟା ହୋଇଥାଏ । ଏହା ଭୋକକୁ ପ୍ରଭାବିତ କରିଥାଏ । ପାଚନ ପ୍ରକ୍ରିୟା ଖରାପ ହେଲେ ଭୋକ ଲାଗିନଥାଏ । କିନ୍ତ ଯଦି ଏହି ସମସ୍ୟା ବହୁତ ଦିନ ଯାଏଁ ଲାଗି ରହେ ତେବେ ଏହା ବଡ ସମସ୍ୟାକୁ ସଙ୍କେତ ଦେଇଥାଏ । ଏହାକୁ ହେୟଜ୍ଞାନ ନକରି ଡାକ୍ତରଙ୍କୁ ଦେଖାଇବା ଉଚିତ । ଭୋକ କମ୍ ଲାଗିବା କ୍ୟାନସରର ପ୍ରାଥମିକ ଲକ୍ଷଣ ହୋଇପାରେ ।

ରକ୍ତସ୍ରାବ ବନ୍ଦ ନହେବା କିମ୍ବା ଲଗାତର ରକ୍ତ ବାହାରିବା: ମୁତ୍ର, କାଶିବା ସମୟରେ ରକ୍ତ ବାହାରିଲେ ଏହା କ୍ୟାନସର ହୋଇପାରେ । ଏପରି କୌଣସି ଅସୁବିଧା ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ଅଧିକ ସମୟ ଧରି ଥଣ୍ଡା ଓ କାଶ ଲାଗି ରହିବା: ପାଣିପାଗରେ ପରିବର୍ତ୍ତନ ହେଲେ ଥଣ୍ଡା ଓ ଜ୍ୱର ଆଦି ହୋଇଥାଏ । କିନ୍ତୁ ଔଷଧ ଖାଇବା ପରେ ବି ଦି ୩-୪ ଦିନରେ ଏଡ଼ା ଭଲ ନହୁଏ ତେବେ ସତର୍କ ହେବା ଜରୁରୀ । ଅନେକ ଦିନ ଧରି ଥଣ୍ଡା, କାଶ ଲାଗି ରହିଲେ ଏହା କ୍ୟାନସରର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ । ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଶୀଘ୍ର ଖଣ୍ଡିଆ ବା କ୍ଷତ ନଶୁଖିବା: ଶରୀରରେ ଆଘାତ ଲାଗିଲେ ବା କ୍ଷତ ହେଲେ ତାହା ୨-୩ ଦିନରେ ଭଲ ହୋଇଯାଏ । କିନ୍ତୁ ଅନେକ କ୍ଷତ ଶୁଖିବାକୁ ସମୟ ଲାଗେ । ଅନେକ ଲୋକ ଏହା ଉପରେ ଧ୍ୟାନ ଦିଅନ୍ତି ନାହିଁ । ଏହା କ୍ୟାନସରର ପ୍ରାରମ୍ଭିକ ଲକ୍ଷଣ ବୋଲି କୁହାଯାଏ ।

## ଜାଣନ୍ତୁ ବିବାହ ଆଉ ତାର ସ୍ୱାଗତ ପ୍ରଥା

ବିବାହରେ ସବୁଠୁ ଧୁମଧାମ୍ ଏବଂ ଅଧିକ ଖର୍ଚ୍ଚ କେବଳ ଭାରତରେ ହୋଇଥାଏ । ବିବାହରେ ବେଶୀ ଖର୍ଚ୍ଚ ପୋଷାକ, ସ୍ଥାନ ଏବଂ ଖାଦ୍ୟପେୟରେ ହୋଇଥାଏ । କିନ୍ତୁ ଆଜି ଆମେ ଜାଣିବା ଭିନ୍ନ ଭିନ୍ନ ସ୍ଥାନରେ ବିବାହର ଭିଉ ଭିଉ ପରମ୍ପରା ଏବଂ ପ୍ରଥା ସମ୍ପର୍କରେ ଯାହା ଆପଣ ବୋଧହୁଏ ଜାଣିନଥିବେ ।



୧.ନବ ଦମ୍ପତିଙ୍କ ମା ଦେଖନ୍ତି ନାହିଁ ବିବାହ: ବଙ୍ଗଳା ପରମ୍ପରା ଅନୁସାରେ ନବ ଦମ୍ପତିଙ୍କ ମାଆ ବିବାହ ଦେଖିନଥାନ୍ତି । କୁହାଯାଏ ଯେ ନବ ଦମ୍ପତିଙ୍କ ପାଇଁ ଏହା ଅଶୁଭ ହୋଇଥାଏ ।

୨.ମଣ୍ଡପରୁ ଦୌଡ଼ିବାର ନାଟକ କରିଥାନ୍ତି ବର : ତାମିଲ ବିବାହରେ ବର ସନ୍ୟାସୀ ହେବା ପାଇଁ ମଣ୍ଡପରୁ ଦୌଡ଼ିବାର ନାଟକ କରିଥାନ୍ତି ଏବଂ କନ୍ୟାର ପିତା ତାଙ୍କୁ ରୋକିବାକୁ ଉଦ୍ୟମ କରିଥାନ୍ତି ।

୩.ଜ୍ୱାଇଁର ନାକ ଚିମୁଟିଥାନ୍ତି ଶାଶୁ: ଗୁଜୁରାଟୀ ବାହାଘରରେ ବରର ଶାଶୁ ଆଳତୀ କରିବାପାଇଁ ଜ୍ୱାଇଁର ନାକ ଚିମୁଟି ସ୍ୱାଗତ କରିଥାନ୍ତି । ଏହି ପ୍ରଥାକୁ ପୋଙ୍କବୁ କହିଥାନ୍ତି ।

୪.ବରର ପୋଷାକ ଫାଡ଼ିଥାନ୍ତି ସାଙ୍ଗମାନେ: ସିନ୍ଧି ବାହାଘରରେ ବରର ସାଙ୍ଗ ଏବଂ ସମ୍ପର୍କୀୟ ବରର ପୋଷକ ଫାଡ଼ିଥାନ୍ତି । ଏହାର ତାତ୍ପର୍ଯ୍ୟ ପୁରୁଣା ଜୀବନର ଅନ୍ତ ଏବଂ ନୂଆ ଜୀବନର ଶୁଭାରମ୍ଭ ହେବାକୁ ବୁଝାଏ ।

୫. ଦାୟିତ୍ୱ ଶିଖିବାର ଅଦ୍ଭୁତ ପରମ୍ପରା: ବିହାରରେ ବିବାହରେ କନ୍ୟା ନିଜ ମୁଣ୍ଡ ଉପରେ ମାଟି ହାଣ୍ଡି ରଖିଥାନ୍ତି ଏବଂ ପାଦ ଛୁଇଁ ଗୁରୁଜନମାନଙ୍କର ଆର୍ଶୀବାଦ ନେଇଥାନ୍ତି । ଏହା ଅର୍ଥ ତାକୁ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ପଡ଼ିବ ।

୬.ମନ୍ଦିରରୁ ପାଣି ନେଇଥାନ୍ତି କନ୍ୟାର ମାଆ: ପଞ୍ଜାବୀ ବିବାହରେ କନ୍ୟାର ମାଆ ପାଖରେ ଥିବା ମନ୍ଦିରରୁ ପାଣି ଆଣିଥାନ୍ତି । ଏହି ପାଣିରେ ଗାଧୋଇବା ପରେ କନ୍ୟା ବିବାହ ପୋଷାକ ପିନ୍ଧିଥାଏ ।

୭.ଟମାଟୋ ଫିଙ୍ଗି ହୋଇଥାଏ ବରଯାତ୍ରୀଙ୍କ ସ୍ୱାଗତ: ଉତ୍ତରପ୍ରଦେଶର ସରସୋଲରେ ବର ଏବଂ ବରଯାତ୍ରୀମାନଙ୍କର ସ୍ୱାଗତ ଟମାଟୋ ଫିଙ୍ଗି କରାଯାଇଥାଏ । କୁହାଯାଏ ଏହା ଦ୍ୱାରା ନୂଆ ସମ୍ପର୍କ ମଜବୁତ ହୋଇଥାଏ ।

୮. ବରର କାନ ଚିମୁଟିଥାଏ ଶଳା: ମରାଠୀ ବିବାହରେ କନ୍ୟାର ଭାଇ ଭିଣୋଇର କାନ ଚିମୁଟି ଭଉଣୀର ସାରା ଜୀବନ ଧ୍ୟାନ ରଖିବାକୁ ଚେତାବନୀ ଦେଇଥାଏ ।

୯.ଧଳା ପତକା ଧରି ଯାଆନ୍ତି ବରଯାତ୍ରୀ: କୁମାୟୁଁ ବିବାହରେ ଏପରି ପରମ୍ପରା ରହିଛି ଯେ ବରଯାତ୍ରୀ ଧଳା ପତକା ଧରି କନ୍ୟା ଘରକୁ ଯାଇଥାନ୍ତି ।

### ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଜୟନ୍ତୀଙ୍କୁ ଶ୍ରଦ୍ଧାଞ୍ଜଳି

# ଓଡ଼ିଆର ସ୍ୱାଭିମାନ ପାଇଁ ନୀଳମଣି ବିଦ୍ୟାରତ୍ନଙ୍କ ଅବଦାନ ଅବିସ୍ମରଣୀୟ

**ଭୁବନେଶ୍ୱର,୧୫।୧୨ (ମହାଭାରତ):** ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ(ଭୁବନେଶ୍ୱର)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ର ପ୍ରାକ୍ତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଜଣେ ଦେଶସେବୀ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାହିତ୍ୟିକ ଏବଂ ସମ୍ପାଦକ ଥିଲେ। ଓଡ଼ିଆ ଭାଷା ସାହିତ୍ୟର ସେ ଥିଲେ ପୃଷ୍ଠପୋଷକ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ତାଙ୍କ ଉଦ୍ୟମ ତାଙ୍କୁ ଏହି ଆନ୍ଦୋଳନର ପ୍ରମୁଖ ବିନ୍ଧାଣୀ ଭାବରେ ସ୍ମରଣୀୟ ରଖିଛି। ଓଡିଆର ସ୍ୱାଭିମାନ ପାଇଁ ନୀଳମଣି ବିଦ୍ୟାରତ୍ନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମୁଖ୍ୟ ଅତିଥି ବିଶ୍ୱଭୁଷଣ ହରିଚନ୍ଦନ ଉଲ୍ଲେଖ କରିଛନ୍ତି।

ମୁଖ୍ୟବକ୍ତା ଭାବେ ଇଷ୍ଟର୍ଣ୍ଣ ମିଡ଼ିଆ ଗ୍ରୁପର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ ଜନ୍ମ ଜୟନ୍ତି ପାଳନର ଆବଶ୍ୟକତା ସେହି ଯୋଗଜନ୍ମାଙ୍କ ପାଇଁ ଯେଉଁମାନେ ଏ ଓଡିଶା ମାଟିକୁ ତାଙ୍କ ମହାର୍ଘ ସେବାରେ ସମର୍ପିତ କରିଛନ୍ତି। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସେହିଭଳି ଜଣେ ମହାପୁରୁଷ। ମାତ୍ର ୫୭ ବର୍ଷ ଜୀବନ କାଳରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଓଡିଶା ରାଜ୍ୟ ଗଠନରେ ତାଙ୍କର ଭୁମିକାକୁ ଆଜି ବି ଏ ଜାତି ସ୍ମରଣ କରୁଛି। ଶ୍ରୀ ପଟ୍ଟନାୟକ ତାଙ୍କୁ ଜଣେ ସ୍ପଷ୍ଟବାଦୀ ଓ ନିର୍ଭୀକ ବ୍ୟକ୍ତିତ୍ୱ ଭାବେ ଅଭିହିତ କରି କହିଥିଲେ ଯେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସମ୍ବାଦପତ୍ରର ସମ୍ପାଦନା କରି ଓଡ଼ିଆ ପତ୍ରିକା ସମ୍ପାଦନା ଓ ଶୁଦ୍ଧ ପାଠ୍ୟପୁସ୍ତକ ସମ୍ପାଦନାକୁ ମହତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ସେ ଓଡ଼ିଆ ଅସ୍ମିତାକୁ ସୁଦୃଢ଼ କରିଛନ୍ତି। ବହୁ ସମାଜ ସଂସ୍କାରମୂଳକ କାର୍ଯ୍ୟ ସହ ପରବର୍ତ୍ତୀ ସମୟରେ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ନିମନ୍ତେ ପଥ ଉନ୍ମୁକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବଡଚଣାର ପ୍ରାକ୍ତନ ବିଧାୟକ ଅମର ପ୍ରସାଦ ଶତପଥୀ ତାଙ୍କ ବକ୍ତବ୍ୟରେ ବିଦ୍ୟାରତ୍ନଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ କୃତି ଓ କୃତିତ୍ୱ ଉପରେ ବକ୍ତବ୍ୟ ରଖି ଓଡ଼ିଶା ଇତିହାସରେ ତାଙ୍କ ଅବଦାନ ସ୍ମରଣୀୟ ରହିବ ବୋଲି କହିଥିଲେ।

ପ୍ରାକ୍ତନ ବିଧାୟକ ତଥା ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ଶ୍ରୀ ପ୍ରଭାତ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କୁ ସ୍ୱତନ୍ତ୍ର ଓଡ଼ିଶାର ନବ ଜାଗରଣର ଅଗ୍ରଦୂତ ବୋଲି କହିଥିଲେ।

ସଭା ପ୍ରାରମ୍ଭରେ ଅତିଥିମାନେ ପଣ୍ଡିତ ବିଦ୍ୟାରତ୍ନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିବା ବେଳେ ନାଦବ୍ରହ୍ମ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ଓ ଭଜନ ପରିବେଷଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରି ନୀଳମଣି ବିଦ୍ୟାରତ୍ନଙ୍କୁ ଓଡିଆ ଭାଷା ସୁରକ୍ଷାର ଜନକ ତଥା ଭାଷା ଆନ୍ଦୋଳନର କର୍ଣ୍ଣଧାର ଏବଂ ଓଡିଶା ରାଜ୍ୟ ଗଠନର ମୂଳଦୁଆ ପଡିବାର ମୁଖ୍ୟ ବିନ୍ଧାଣି ବୋଲି ଅଭିହିତ କରିବା ସହିତ ଓଡ଼ିଆ ଜାତି ପାଇଁ ଜଣେ ନମସ୍ୟ ପୁରୁଷ ଭାବେ ମନେ ରଖିବ ବୋଲି କହିଥିଲେ। ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ସମ୍ପାଦକ ଡା. କୃଷ୍ଣ କେଶବ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଉପଲକ୍ଷେ ଆଜି ପ୍ରତ୍ୟୁଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ତରଫରୁ ଜୟଦେବ ବିହାର ସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜୟଦେବ ଭବନର ଉପ ନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ଏବଂ ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# କାଠଯୋଡିରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା : ୩ ଗିରଫ

**କଟକ,୧୫।୧୨ (ମହାଭାରତ):** ୧୩ ତାରିଖ ସକାଳେ କଟକ କନ୍ଦରପୁର ଥାନା ପରମହଂସ ନିକଟସ୍ଥ କାଠଯୋଡି ନଦୀ ପଠାରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ମହିଳାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ହେଲେ ତାଙ୍କ ପରିଚୟ ମିଳିପାରୁନଥିଲା। ଏପରିକି ମହିଳାଙ୍କ ନିଖୋଜ ନେଇ କୌଣସି ଥାନାରେ ଲିଖିତ ଅଭିଯୋଗ ମଧ୍ୟ ହୋଇନଥିଲା। ସିସିଟିଭି, ଆଖପାଖ ଥାନା ଓ ପଞ୍ଚାୟତର ଲୋକଙ୍କ ସହିତ ଯୋଗାଯୋଗ କରିଥିଲା କମିସନରେଟ୍ ପୋଲିସ୍। ହେଲେ ମହିଳାଙ୍କ ସମ୍ପର୍କରେ କୌଣସି ସୂଚନା ପାଇନଥିଲା। ଶେଷରେ ମହିଳାଙ୍କ ମୃତଦେହ ପାଖରୁ ମିଳିଥିବା ଟେଲରିଂ ରିସିପ୍ଟ (ସାର୍ଟ ଓ ପ୍ୟାଣ୍ଟ ସ୍ଲିପ୍)କୁ ଧରି ଘାଣ୍ଟିଥିଲା କମିସନରେଟ୍ ପୋଲିସ୍।

ଟେଲରିଂ ରିସିପ୍ଟ ଦୋକାନ କେଉଁଠି ? ସେ ସମ୍ପର୍କରେ ଜାଣିବା ପାଇଁ ପୋଲିସ୍ ଟେଲରିଂ ରିସିପ୍ଟକୁ ଗଣମାଧ୍ୟମରେ ସର୍କୁଲେଟ୍ କରିଥିଲା। ଠିକ୍ ସେତିକି ବେଳେ ଗଞ୍ଜାମ ଜଗନ୍ନାଥ ପ୍ରସାଦ ଥାନା ଅଞ୍ଚଳରୁ ପୋଲିସ୍ ପାଖକୁ ଏକ ଫୋନ୍ କଲ ଆସିଥିଲା। ଜଣେ ବ୍ୟକ୍ତି କହିଥିଲେ ସେହି ଟେଲରିଂ ଦୋକାନଟି ଜଗନ୍ନାଥ ପ୍ରସାଦରେ ରହିଛି। ଏହାପରେ କମିସନରେଟ୍ ପୋଲିସ୍ ଜଗନ୍ନାଥ ପ୍ରସାଦ ଥାନା ପୋଲିସ୍ ସହିତ ଯୋଗାଯୋଗ କରିଥିଲା। ଯାଞ୍ଚ ବେଳେ ଉକ୍ତ ଦୋକାନୀର ରିସିପ୍ଟ ସହିତ ମୃତଦେହ ପାଖରୁ ମିଳିଥିବା ରିସିପ୍ଟର ମେଳ ଖାଇନଥିଲା। ତେବେ ସେହି ଦୋକାନୀ ପୁଲିସକୁ ଲିଙ୍କ ଦେଇଥିଲା।

ଟେଲରିଂ ରିସିପ୍ଟଟି ଗୁଜରାଟର ବୋଲି କହିଥିଲେ। ଏହାପରେ କମିସନରେଟ୍ ପୁଲିସ୍ ଗୁଜରାଟ ପୋଲିସ୍ ସହ ଯୋଗାଯୋଗ କରିଥିଲା। ବହୁ ଖୋଜାଖୋଜି ପରେ ଟେଲରିଂ ଦୋକାନର ଠିକଣା ମିଳିଥିଲା। ଯାଞ୍ଚ ବେଳେ ଟେଲରିଂ ଦୋକାନର ରିସିପ୍ଟରେ 'ବାବୁ' ଲେଖାଯାଇଥିଲା। ହତ୍ୟାକାରୀ ନିଜର ପୂରା ନାଁ ଦେଇନଥିବାରୁ ପୁଲିସ୍ ପାଇଁ ଅଡୁଆ ବଢ଼ିଥିଲା। ଯାହାକୁ ନେଇ ପୋଲିସ୍ ଚିନ୍ତାରେ ପଡ଼ିଥିବା ବେଳେ ସାମ୍ନାକୁ ଆସିଥିଲା ଆଉ ଏକ ତଥ୍ୟ। 'ବାବୁ' ନାମଧାରୀ ବ୍ୟକ୍ତି ଜଣକ ୟୁପିଆଇରେ ଟେଲରିଂ ଦୋକାନୀଙ୍କୁ ୧୦୦ ଟଙ୍କା ପ୍ରଦାନ କରିଥିଲେ।

ବାସ୍ ତା'ପରେ କମିସନରେଟ୍ ପୋଲିସ୍ ସେହି ୟୁପିଆଇ ନମ୍ବରକୁ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଜଣାପଡ଼ିଥିଲା 'ବାବୁ' ନାମଧାରୀ ବ୍ୟକ୍ତି ହେଉଛନ୍ତି ଜଗନ୍ନାଥ ଦେହୁରୀ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ବଡ଼ଶୋବଳ ଗାଁରେ। ଜଗନ୍ନାଥଙ୍କ ଠିକଣା ସିନା ମିଳିଲା, ହେଲେ ନିର୍ଦ୍ଦିଷ୍ଟ ଲୋକେସନ୍ ମିଳୁନଥିଲା। ବାରମ୍ବାର ତାଙ୍କ ଲୋକେସନ୍ ପରିବର୍ତ୍ତନ ହେଉଥିଲା। ତର୍ଜମା ପରେ ଜଣାପଡ଼ିଲା ଜଗନ୍ନାଥ ଟ୍ରେନରେ ସୁରତକୁ ଯାଉଛନ୍ତି। ଏଥିପାଇଁ ରାୟଗଡ଼ା ଏସ୍‌ପିଙ୍କ ସହଯୋଗ ଲୋଡ଼ିଥିଲା କମିସନରେଟ ପୋଲିସ୍। ରାୟଗଡ଼ା ପୋଲିସ୍ ଏକ ଟିମ୍ ସେହି ଟ୍ରେନରେ ଯାଞ୍ଚ କରିଥିଲା। ଶନିବାର ରାତିରେ ଜଗନ୍ନାଥ ଦେହୁରୀଙ୍କୁ ଟ୍ରେନରୁ ଉଠାଇ ଆଣିଥିଲା।

ଜଗନ୍ନାଥ ଦେହୁରୀଙ୍କୁ ପଚରାଉଚରା ପରେ ଜଣାପଡ଼ିଥିଲା ମୃତ ମହିଳା ପରିଚୟ। ସେ ହେଉଛନ୍ତି ତାଙ୍କ ଭାଉଜ ପଦ୍ମାବତୀ ସାମଲ।ତାଙ୍କ ବଡ଼ଭାଇ ବଳରାମ ଦେହୁରୀଙ୍କ ପତ୍ନୀ। କଟକ ଡିସିପି ଜଗମୋହନ ମୀନାଙ୍କ କହିବା ଅନୁସାରେ ପଦ୍ମାବତୀଙ୍କ ଚରିତ୍ରକୁ ସନ୍ଦେହ କରୁଥିଲେ ବଳରାମ। କାହା ସହିତ ପଦ୍ମାବତୀଙ୍କର ପରକିୟା ପ୍ରୀତି ଥିବା ସନ୍ଦେହ କରୁଥିଲେ। ତେଣୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ବଳରାମ ତାଙ୍କ ସାନଭାଇ ଜଗନ୍ନାଥ ଓ ସମ୍ପର୍କୀୟ ଭାଇ ହାପି ଦେହୁରୀଙ୍କ ସହଯୋଗ ଲୋଡିଥିଲେ। ଏଥିରେ ରାଜି ହୋଇଥିଲେ ଜଗନ୍ନାଥ ଓ ହାପି। ହତ୍ୟା କରିବା ପୂର୍ବରୁ ଜଗନ୍ନାଥ ସୁରତରୁ ଗୋଟିଏ ଚପଡ୍ କିଣି ଘରକୁ ଆସିଥିଲେ। ଯୋଜନା ମୁତାବକ ମେଡ଼ିକାଲ୍ ଚେକ୍‌ଅପ୍ ବାହାନାରେ ପଦ୍ମାବତୀଙ୍କୁ ଗାଡ଼ିରେ ଧରି ବାଙ୍କୀ ଆସିଥିଲେ ବଳରାମ। ମେଡିକାଲ୍ କାମ ସରିବା ପରେ ସ୍ୱାମୀ ଓ ସ୍ତ୍ରୀ ସ୍କୁଟିରେ କନ୍ଦରପୁର ଥାନା ପରମହଂସ ନିକଟସ୍ଥ କାଠଯୋଡି ନଦୀ ପଠାକୁ ଯାଇଥିଲେ। ଏମାନେ ପହଞ୍ଚିବା ପୂର୍ବରୁ ଜଗନ୍ନାଥ ଓ ହାପି ପହଞ୍ଚି ସାରିଥିଲେ। ଅଭିଯୋଗ ଅନୁସାରେ ସେଠାରେ ପଦ୍ମାବତୀଙ୍କୁ ଜଗନ୍ନାଥ ଚାପଡରେ ଆକ୍ରମଣ କରିଥିଲେ। ଯାହାଫଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତା'ପରେ ତାଙ୍କ ମୁହଁକୁ ବିକୃତ କରାଯାଇଥିଲା। ପରେ ମୃତଦେହକୁ ଫିଙ୍ଗି ଦେଇଥିଲେ।

ଡିସିପି ଜଗମୋହନ ମୀନାଙ୍କ କହିବା ଅନୁସାରେ ମୃତ ପଦ୍ମାବତୀଙ୍କ ସ୍ୱାମୀ ବଳରାମ, ଦିଅର ଜଗନ୍ନାଥ ଓ ସମ୍ପର୍କୀୟ ଦିଅର ହାପିଙ୍କୁ ପୋଲିସ୍ ଗିରଫ କରିଛି। ଏଥିସହ ଏକ ସ୍କୁଟିକୁ ଜବତ କରିଛି। ଅଧିକ ତଦନ୍ତ ଚାଲିଛି ବୋଲି କଟକ ଡିସିପି କହିଛନ୍ତି।

# ଜଗତସିଂହପୁରରେ ପିଏନ୍‌ବି ମେଟ୍ ଲାଇଫ୍‌ର ନୂତନ ଶାଖା

**ଭୁବନେଶ୍ୱର,୧୫।୧୨ (ମହାଭାରତ):** ଭାରତର ଅନ୍ୟତମ ଅଗ୍ରଣୀ ଜୀବନ ବୀମା କମ୍ପାନି ପିଏନ୍‌ବି ମେଟ୍ ଲାଇଫ୍ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ୍ ୪ଟି ନୂଆ ଶାଖା ଉଦ ଘାଟନ କରି ନିଜର ଜାତୀୟ ପାଦ ସୁଦୃଢ଼ କରିଛି। ବିହାରର ଲଖିସରାଇ, ଗୁଜୁରାଟର ସୁରେନ୍ଦ୍ରନଗର, ଓଡ଼ିଶାର ଜଗତସିଂହପୁର ଏବଂ ଉତରପ୍ରଦେଶର ଲକ୍ଷ୍ନୌ-ଅଲିଗଞ୍ଜର ଶାଖାଗୁଡ଼ିକ ଗ୍ରାହକଙ୍କୁ ସେମାନଙ୍କ ଆବଶ୍ୟକତା ପୂରଣ କରୁଥିବା ବୀମା ସମାଧାନ ସହଜରେ ଉପଲବ୍ଧ କରାଇଥାଏ ଏବଂ ଉଚ୍ଚ ସମ୍ଭାବ୍ୟ ବଜାରରେ ଏହାର ଉପସ୍ଥିତି ବିସ୍ତାର କରିବା ପାଇଁ ପିଏନବି ମେଟ୍ ଲାଇଫ୍ ରଣନୈତିକ ପ୍ରୟାସର ଏକ ଅଂଶ ଅଟେ। ପିଏନବି ମେଟ୍ ଲାଇଫର ନେଟୱାର୍କ ବର୍ତମାନ ଦେଶବ୍ୟାପୀ ୧୫୫ଟି ସ୍ଥାନରେ ବ୍ୟାପିଛି ।

ଜଗତସିଂହପୁରରେ ନୂଆ ଶାଖା ଖୋଲିବା ସହ ପିଏନ୍‌ବି ମେଟ୍ ଲାଇଫ୍ ସ୍ଥାନୀୟ ସମୁଦାୟ ପାଇଁ ସୁବିଧାଜନକ ଓ ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରୁଛି। ଓଡ଼ିଶାରେ ନିଜର ୮ଟି

# ଏନଇସିସି ଲିମିଟେଡ୍ ଗ୍ରୀନ୍ ଲଜିଷ୍ଟିକ୍ସ ପ୍ରତି ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଛି

**ଭୁବନେଶ୍ୱର,୧୫।୧୨ (ମହାଭାରତ):** ଘରୋଇ, ଅନ୍ତର୍ଜାତୀୟ, ବାଣିଜ୍ୟିକ ଓ ଶିଳ୍ପ ସାମଗ୍ରୀ ପରିବହନ କ୍ଷେତ୍ରରେ ଅଗ୍ରଣୀ କମ୍ପାନି ନର୍ଥ ଇଷ୍ଟର୍ଣ୍ଣ କ୍ୟାରିଙ୍ଗ୍ କର୍ପୋରେସନ୍ ଲିମିଟେଡ୍ ନିକଟରେ ଏକ ବିଜନେସ୍ ଅପଡେଟ୍ ଘୋଷଣା କରିଛି। ଗୁରୁଗ୍ରାମ ନିକଟସ୍ଥ ତାଉରୁରେ ଥିବା ଏକ ସ୍ଥାନରେ ଏନଇସିସି ଏକ ଅତ୍ୟାଧୁନିକ, ୧୮୩,୦୦୦ ବର୍ଗଫୁଟର ଗୋଦାମ କାରଖାନା ବିକଶିତ କରିବା ପ୍ରକ୍ରିୟାରେ ଅଛି । ଏହି ସମନ୍ୱିତ ସୁବିଧା ୫ ଏକର ଜମିରେ ନିର୍ମିତ ହେବ ଏବଂ ଏଥିରେ କର୍ମଚାରୀଙ୍କ ପାଇଁ ବାସଗୃହ, ଦକ୍ଷ ସଂରକ୍ଷଣ ପାଇଁ ବହୁସ୍ତରୀୟ ରେକିଂ ବ୍ୟବସ୍ଥା, ଆଧୁନିକ ବୈଦ୍ୟୁତିକ ସାମଗ୍ରୀ ପରିଚାଳନା ଉପକରଣ ସହିତ ଛାତ ଉପରେ ୨ ମେଗାୱାଟ ସୌର ଶକ୍ତି ସ୍ଥାପନ କରାଯିବ । ଇନ୍-ହାଉସ୍ ସୌର କ୍ଷମତା ସହିତ, ଏନଇସିସି କମ୍ ଇନପୁଟ୍ ଖର୍ଚ୍ଚ ଏବଂ ଉନ୍ନତ ଦକ୍ଷତା ଦ୍ୱାରା ଲାଭବାନ ହେବ। ବିଶେଷ କରି ଇଲେକ୍ଟ୍ରିକ୍ (ଇଭି) ଟ୍ରକ୍ ବ୍ୟବହାର କରିବା ସମୟରେ ଏହି ସୁବିଧା ପ୍ରଥମ ମାଇଲ୍ ଏବଂ ଶେଷ ମାଇଲ୍ ଡେଲିଭରି ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିବ। କଂପାନି ଆହୁରି ମଧ୍ୟ କୁହାଯାଇଛି, "ସ୍ଥାୟୀ ଟ୍ରକିଂ ସମାଧାନ ପାଇଁ ଉତ୍ସର୍ଗୀକୃତ କମ୍ପାନୀ ଏସଜି ଗ୍ରୀନ ଲଜିଷ୍ଟିକ୍ସରେ ଏନଇସିସିର ସାମ୍ପ୍ରତିକ ରଣନୈତିକ ପୁଞ୍ଜିନିବେଶକୁ ଅଂଶୀଦାର କରିବାକୁ ଆମେ ଉତ୍ସାହିତ।

# ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ହେଉ



**ଭୁବନେଶ୍ୱର,୧୫।୧୨ (ମହାଭାରତ):** ବିଚ୍ଛିନ୍ନାଞ୍ଚଳର ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ଉପସଭାପତି ଏବଂ ପୂର୍ବ ସିଂହଭୂମି ଜିଲ୍ଲା ସଭାପତି ରବୀନ୍ଦ୍ରନାଥ ଶତପଥୀଙ୍କ ତତ୍ତ୍ୱାବଧାନରେ ସଭାପତି ଅଦ୍ୱୈତ କୁମାର ପାତ୍ର, କେନ୍ଦ୍ରୀୟ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ଭିମସେନ ମହାପାତ୍ର, ପୂର୍ବ ସିଂହଭୂମି ଜିଲ୍ଲା ସଚିବ ପ୍ରଦୀପ କୁମାର ଦାସ, ପଶ୍ଚିମ ସିଂହଭୂମି ଜିଲ୍ଲା ସଚିବ ସରୋଜ କୁମାର ପ୍ରଧାନ, ପର୍ଯ୍ୟବେକ୍ଷକ ସୁଶୀଲ କୁମାର ଷଡ଼ଙ୍ଗୀ ଓ ସପନ ମଣ୍ଡଳ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ପ୍ରସାର ହେବା ସହ ଓଡ଼ିଶା ସରକାରଙ୍କ ଦ୍ୱାରା ବିଚ୍ଛିନ୍ନାଞ୍ଚଳ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦିଆଯାଉଥିବା ସ୍ୱଳ୍ପ ବେତନ ଉପରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶା ମୋହନ ଚରଣ ମାଝୀ ବେତନ ହାର ମାସିକ ୬୦୦୦ ଟଙ୍କାର ବ୍ୟୟ ବୃଦ୍ଧି ନିମନ୍ତେ ଦେଇଥିବା ପ୍ରତିଶ୍ରୁତି ଉପରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଏହା ବ୍ୟତୀତ ଆସନ୍ତା ଡ଼ିସେମ୍ବର ୩୧ ତାରିଖରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରଠାରେ ଉତ୍କଳ ସମ୍ମିଳନୀର ଶତବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ପତ୍ର ଦ୍ୱାରା ଅନୁରୋଧ କରାଗଲା। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ବେତନ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଝାଡ଼ଖଣ୍ଡ ସରକାର ଓଡ଼ିଆ ବିଦ୍ୟାଳୟମାନଙ୍କୁ ଅଣଦେଖା କରିବା ଏବଂ ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବେତନ ନଦେବା ଏକ ଅସାମ୍ବିଧାନିକ କାର୍ଯ୍ୟ କରିଆସୁଛନ୍ତି। ଏ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ଉତ୍କଳ ସମ୍ମିଳନୀ ମାଧ୍ୟମରେ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷାଦାନ କରୁଛନ୍ତି ସେ ତୁଳନାରେ ସେମାନଙ୍କ ବେତନ ରାଶି ଅତ୍ୟନ୍ତ ନଗନ୍ୟ।

# ଆଜିଠୁ 'ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀ' ଅନୁଷ୍ଠିତ

**ଭୁବନେଶ୍ୱର,୧୫।୧୨ (ମହାଭାରତ):** ଆମେରିକାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସଙ୍ଗଠନ 'ଓଡ଼ିଶା ସୋସାଇଟି ଅଫ୍ ଦ ଆମେରିକାସ୍' (ଓସା) ପକ୍ଷରୁ ଆସନ୍ତାକାଲି, ରବିବାର ଦିନ ଭୁବନେଶ୍ୱରରେ ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀ-୨୦୨୪ ଅନୁଷ୍ଠିତ ହେବାକୁ ଯାଉଛି। ଉକଳା ମଣ୍ଡପଠାରେ ସକାଳ ୧୦ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ।

ଦିନେ ସବୁ ବୟସ ଓ ବର୍ଗର ଲୋକଙ୍କ ପାଇଁ ପାଠାଗାର ଥିଲା ଜ୍ଞାନ ଆହରଣର ଏକ ପ୍ରମୁଖ ମାଧ୍ୟମ। କିନ୍ତୁ ଆଜିର ଡିଜିଟାଲ ଏବଂ ମୋବାଇଲ ଦୁନିଆ ସହ ତାଳ ଦେଇ ପାଠାଗାର ରୂପାନ୍ତରିତ ହୋଇପାରିନାହିଁ। ତେଣୁ ଆଧୁନିକ ପାଠାଗାରର ପରିଭାଷା ଏବଂ ଭିତ୍ତିଭୂମିକୁ ସମସାମୟିକ କରିବା ସହ ବିଶେଷକରି ଗ୍ରାମୀଣ କ୍ଷେତ୍ରରେ ଏହା କିପରି ଛାତ୍ରଛାତ୍ରୀ, ନିଯୁକ୍ତି ଆଶାୟୀ ଯୁବପିଢ଼ି, ମହିଳା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଉପଯୋଗୀ ହୋଇପାରିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାର ସମୟ ଆସିଛି।

ଏ ବିଷୟକୁ ଆଧାରକରି ଓଡ଼ିଶାର ପ୍ରତ୍ୟେକ ଗ୍ରାମପଞ୍ଚାୟତ ସ୍ତରରେ କିଭଳି ଅତ୍ୟାଧୁନିକ ସର୍ବସାଧାରଣ ପାଠାଗାର ପ୍ରତିଷ୍ଠା କରାଯାଇ ପାରିବ ଏହା ଉପରେ 'ଓସା'ର ଓଡ଼ିଶା ଲାଇବ୍ରେରି ନେଟୱାର୍କ ପକ୍ଷରୁ ବ୍ୟାପକ ସଚେତନତା କରାଯାଉଛି। 'ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀ-୨୦୨୪' ଅବସରରେ ଏ ବିଷୟରେ ବ୍ୟାପକ ଆଲୋଚନା କରାଯିବ ବୋଲି ଓଡ଼ିଶା ସର୍ବସାଧାରଣ




ପାଠାଗାର ଅଭିଯାନର ଅଧ୍ୟକ୍ଷ ନିଶିକାନ୍ତ ସାହୁ ଏବଂ ସହ-ଅଧ୍ୟକ୍ଷ ଅଜୟ ମହାନ୍ତି ଶୁକ୍ରବାର ଦିନ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଆଜିର ସମୟରେ ପାଠାଗାରର ରୂପରେଖ ସମ୍ପୂର୍ଣ୍ଣ ବଦଳିଛି। ବିଭିନ୍ନ ପ୍ରକାର ପୁସ୍ତକ ସହିତ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ସଂଯୋଗ ଆଧୁନିକ ପାଠାଗାରଗୁଡ଼ିକୁ ଅଧିକ ନାଗରିକ-ଉପଯୋଗୀ କରିପାରିଛି। ଛାତ୍ରଛାତ୍ରୀଙ୍କ ପାଇଁ ଜ୍ଞାନ ଆହରଣ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମନୋରନର କେନ୍ଦ୍ର ହେବା ସହ ଏହା ଯୁବପିଢ଼ିର ନିଯୁକ୍ତି-ଉପଯୋଗୀ ଦକ୍ଷତା ବୃଦ୍ଧି, ଲୋକଙ୍କର ଡିଜିଟାଲ ଏବଂ ଆର୍ଥିକ ସାକ୍ଷରତା ବିକାଶ ଆଦି ଦିଗରେ ସୁଯୋଗ ସୃଷ୍ଟି କରିବ। ଫଳରେ ଗ୍ରାମାଞ୍ଚଳରେ ପାଠାଗାରଗୁଡ଼ିକୁ ପ୍ରମୁଖ ସାଧନ କେନ୍ଦ୍ର ଭାବେ ବ୍ୟବହାର କରାଯାଇପାରିବ। କେବଳ ସେତିକି ନୁହେଁ, ଜନସାଧାରଣଙ୍କ ଉନ୍ନତି ପାଇଁ ସରକାର ଆଣୁଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସହିତ ଲୋକଙ୍କୁ ସିଧାସଳଖ ଯୋଡ଼ିବା କ୍ଷେତ୍ରରେ ଏହି ପାଠାଗାର ମଧ୍ୟ ଏକ ବଳିଷ୍ଠ ମାଧ୍ୟମ ହୋଇପାରିବ। ଅର୍ଥାତ୍ ରାଜ୍ୟର ପ୍ରତ୍ୟେକ ଗ୍ରାମପଞ୍ଚାୟତ ସ୍ତରରେ ଆଧୁନିକ ପାଠାଗାର ପ୍ରତିଷ୍ଠା କରାଯାଇ ଏହାକୁ କ୍ରିୟାଶୀଳ କରାଯାଇ ପାରିଲେ ଆଗାମୀ ଦିନରେ ତାହା ଏକ ଦୀର୍ଘସ୍ଥାୟୀ ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

ସମାଜର ଉନ୍ନତି ଦିଗରେ ପାଠାଗାରଗୁଡ଼ିକର ଏକ ବଡ଼ ଭୂମିକା ରହିଥାଏ। ତେଣୁ ପଞ୍ଚାୟତ ସ୍ତରରେ ପାଠାଗାର ସ୍ଥାପନ ହୋଇପାରିଲେ ଭବିଷ୍ୟତର ପିଢ଼ିଙ୍କ ଭିତରେ ଅଭିନବ ଓ ସର୍ଜନାତ୍ମକ ପ୍ରତିଭା ବିକଶିତ ହୋଇପାରିବ। ଏହାସହ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଭିତରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ।

# ସିବିଆଇରେ ହାଜର ହେଲେନି ବିଷ୍ଣୁପଦ

**ଭୁବନେଶ୍ୱର,୧୫।୧୨ (ମହାଭାରତ):** ବ୍ରିଜ ଆଣ୍ଡ ରୁଫ୍ କଂପାନୀ ସହ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଲିଙ୍କ୍ ଓ ସିବିଆଇର ସମନ ପରେ ବରିଷ୍ଠ ଆଇଏଏସ ଅଫିସର ବିଷ୍ଣୁପଦ ସେଠୀଙ୍କୁ ନେଇ ପାୱାର କରିଡରରେ ଜୋରଦାର ଚର୍ଚ୍ଚା ଲାଗିରହିଛି। ବିଷ୍ଣୁପଦଙ୍କ ଡ୍ରାଇଭର ନୃସିଂହ ଶତପଥୀଙ୍କୁ ମଧ୍ୟ ଜେରା କରିଛି ସିବିଆଇ। ବିଷ୍ଣୁପଦଙ୍କୁ ସିବିଆଇ ସମନ ପରେ ସେ ସିବିଆଇରେ ହାଜର ହୋଇନାହାଁନ୍ତି। ଏସଟି-ଏସସି ବିଭାଗର ପ୍ରମୁଖ ସଚିବ ଥିବାବେଳେ ବିଭାଗ ଅଧିନରେ ଥିବା ହାଇସ୍କୁଲ କାମଗୁଡ଼ିକୁ କାହିଁକି ରାଜ୍ୟ ଉଦ୍ୟୋଗକୁ ଦିଆନଯାଇ କେନ୍ଦ୍ରୀୟ ଉଦ୍ୟୋଗଗୁଡିକୁ ଦିଆଗଲା, ତାକୁ ନେଇ ଛିଡା ହେଲାଣି ପ୍ରଶ୍ନ। ଏମିତି କି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ବି କିଛି ହାଇସ୍କୁଲ ଅପଗ୍ରେଡେସନ କାମକୁ ବିଜୁଳି କ୍ଷେତ୍ରରେ କାମ କରୁଥିବା ରାଷ୍ଟ୍ରୀୟ ଉଦ୍ୟୋଗକୁ ଦିଆଯାଇଛି। ନୟାଗଡ଼ ଏବଂ ବୌଦ୍ଧର ହାଇସ୍କୁଲ ଓ ଆଶ୍ରମ ସ୍କୁଲ ଅପଗ୍ରେଡେସନ କାମ ପାଇଁ ବ୍ରିଜ ଆଣ୍ଡ ରୁଫ୍ କଂପାନୀକୁ ଚିଠି ଲେଖିଥିଲେ ବିଷ୍ଣୁପଦ। ଅକ୍ଟୋବର ୧୯ ତାରିଖରେ କଳାହାଣ୍ଡି ଏବଂ ବାଲେଶ୍ୱରର ଆଶ୍ରମ ସ୍କୁଲ ଅପଗ୍ରେଡେସନ କାମ ଦେବାକୁ କେନ୍ଦ୍ରୀୟ ଉଦ୍ୟୋଗ ଏନବିସିସିକୁ ଚିଠି ଲେଖିଛନ୍ତି ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ।

୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ ଘନ ଘନ ଜେରା କରୁଛି ସିବିଆଇ। ରିମାଣ୍ଡରେ ଥିବା ବ୍ରିଜ୍ ଆଣ୍ଡ ରୁଫ୍ ଗ୍ରୁପ୍ ଓଡ଼ିଶା ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀଙ୍କଠାରୁ ଅଧିକ ତଥ୍ୟ ଉଗାରିବାରେ ଲାଗିଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ। ପୁଣିଥରେ ଆଜି ବ୍ରିଜ୍ ଆଣ୍ଡ ରୁଫ୍ କଂପାନୀ ଉପରେ ବି ହୋଇଛି ରେଡ୍। ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ବ୍ୟାଙ୍କ ଷ୍ଟେଟମେଣ୍ଟ ପାଇଁ ଚଢ଼ାଉ କରାଯାଇଛି। ଘଟଣାଦିନ କେଉଁମାନେ ତାରକା ହୋଟେଲ ବାହାରେ ଏକାଠି ହୋଇଥିଲେ ତାହା ଜାଣିବାକୁ ଚେଷ୍ଟା କରୁଛି ସିବିଆଇ।

# ଓଡ଼ିଶା ମଣ୍ଡପ ବୁଲି ଦେଖିଲେ ପ୍ରବାସୀ ଓଡ଼ିଆ

**ଭୁବନେଶ୍ୱର,୧୫।୧୨ (ମହାଭାରତ):** ହରିୟାଣାର କୁରୁକ୍ଷେତ୍ରରେ ଦେଖିବାକୁ ମିଳିଛି ଆମ ଓଡ଼ିଆ ସଂସ୍କୃତିର ଝଲକ। ଚଳିତବର୍ଷ ଗୀତା ମହୋତ୍ସବରେ ଓଡ଼ିଶା ପାର୍ଟନର ଷ୍ଟେଟ୍ ଭାବେ ଯୋଗ ଦେଇଛି। କୋଣାର୍କ ଚକ୍ର ଠାରୁ ଆରମ୍ଭ କରି ଓଡ଼ିଶୀ ନୃତ୍ୟ ପର୍ଯ୍ୟନ୍ତ, ଓଡ଼ିଶା ମଣ୍ଡପରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସଂସ୍କୃତି ଏବଂ ଐତିହ୍ୟର ଏକ ନିଛକ ପ୍ରତିଫଳନ ଦେଖିବାକୁ ମିଳୁଛି। ଏହା ଦ୍ୱାରା ଦେଶ-ବିଦେଶରୁ ଆସୁଥିବା ବିଭିନ୍ନ ଦର୍ଶକମାନେ ଓଡ଼ିଶାର ଗୌରବମୟ ଇତିହାସ ଏବଂ ସଂସ୍କୃତି ସମ୍ବନ୍ଧରେ ଅବଗତ ହୋଇପାରୁଛନ୍ତି। ଆମେ ମଧ୍ୟ ପ୍ରତିଦିନ ଓଡ଼ିଶା ମଣ୍ଡପ ବୁଲିବାକୁ ଆସୁଛୁ ଏବଂ ଓଡ଼ିଶା ସରକାରଙ୍କ ଏହି ପ୍ରୟାସ ପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି, ଏହିପରି ମନ୍ତବ୍ୟ ରଖିଛନ୍ତି ହରିୟାଣା କୁରୁକ୍ଷେତ୍ର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ କାର୍ଯ୍ୟ କରୁଥିବା ପ୍ରବାସୀ ଓଡ଼ିଆ।।

ସେହିପରି ଭାବେ ଓଡ଼ିଶା ମଣ୍ଡପରେ ବିଶେଷ ଆକର୍ଷଣ ପାଲଟିଛି ପାରମ୍ପରିକ ଓଡ଼ିଆ ଖାଦ୍ୟ। ଓଡ଼ିଶା ପ୍ରସିଦ୍ଧ ଡାଲମା, ଦହିବରା, ରସଗୋଲା, ଛେନାପୋଡ଼, ମଣ୍ଡା,



କାକରା, ଏଣ୍ଡୁରି ଆଦି ପିଠା ଖାଇବାକୁ ଷ୍ଟଲରେ ଲୋକଙ୍କ ଭିଡ଼ ଜମିବା ସହ ଲୋକମାନେ ଏହାକୁ ବେଶ୍ ପସନ୍ଦ କରିଛନ୍ତି।

ଓଡ଼ିଶା ପ୍ରସିଦ୍ଧ ପାଟ, ବମକେଇ, ଟସର ସିଲକ ଆଦି ଶାଢ଼ୀ କିଣିବା ପାଇଁ ମଧ୍ୟ ମହିଳାମାନଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି। ବହୁ ବର୍ଷ ପରେ ପ୍ରଥମ ଥର ପାଇଁ ମୁଁ ହରିୟାଣାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଆସିଛି। ଓଡ଼ିଶା ମଣ୍ଡପରେ ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ଏବଂ ବିଭିନ୍ନ ଲୋକନୃତ୍ୟ ଦେଖିବାକୁ ମିଳୁଛି। ଏହାସହ ପାଟ, ସମ୍ବଲପୁରୀ, ବମକେଇ, ଟସର ସିଲକ ଆଦି ଶାଢ଼ୀ କିଣିବା ସହ ଓଡ଼ିଆ ଖାଦ୍ୟ ଖାଇବାକୁ ମିଳୁଥିବାରୁ ବହୁତ ଖୁସି ଲାଗୁଛି, ବୋଲି ପ୍ରବାସୀ ଓଡ଼ିଆ ମହିଳା ମତପ୍ରକାଶ କରିଛନ୍ତି।

ସେହିପରି ଭାବେ ଓଡ଼ିଶାର ଚିତ୍ରକଳା ଏବଂ ହସ୍ତଶିଳ୍ପ ସାମଗ୍ରୀ କିଣିବାକୁ ହରିୟାଣାର ଆଞ୍ଚଳିକ ଲୋକମାନେ ଷ୍ଟଲରେ ବେଶ୍ ଭିଡ଼ ଜମାଉଛନ୍ତି। ବିଶେଷ ଭାବେ ପଟ୍ଟଚିତ୍ର, ଢୋକରା ଏବଂ କାଇଁଚ ଘାସରେ ନିର୍ମିତ ହସ୍ତଶିଳ୍ପ ସାମଗ୍ରୀ କିଣିବା ପାଇଁ ଲୋକମାନେ ଆଗ୍ରହ ପ୍ରକାଶ କରୁଛନ୍ତି।

୯ମ ଅନ୍ତରାଷ୍ଟ୍ରୀୟ ଗୀତା ମହୋତ୍ସବ ଆସନ୍ତା ୧୫ ଡିସେମ୍ବର ପର୍ଯ୍ୟନ୍ତ ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ହେବାୟ ବିଗତ ଡିସେମ୍ବର ୫ ତାରିଖରେ ଓଡ଼ିଶା ମଣ୍ଡପର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ମଣ୍ଡପରେ ଓଡ଼ିଶାର ପ୍ରମୁଖ ଚିତ୍ରକଳା, ହସ୍ତତନ୍ତ, ବୟନଶିଳ୍ପ, ପର୍ଯ୍ୟଟନ ସ୍ଥଳୀ, ଲୋକନୃତ୍ୟ ଏବଂ ଓଡ଼ିଶାର ଖାଦ୍ୟ ପରମ୍ପରାକୁ ଖୁବ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି ଯାହାକି ସମସ୍ତ ଦର୍ଶକମାନଙ୍କ ପାଇଁ ଏକ ଶୈକ୍ଷଣିକ ବିଷୟ ବସ୍ତୁ ଭାବେ କାର୍ଯ୍ୟ କରିବା ସହ ଅନ୍ତରାଷ୍ଟ୍ରୀୟ ସ୍ତରରେ ଆମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ସଫଳ ହୋଇ ପାରିଛି।

# ପ୍ରଥମ ସୋଆ ରେନାଲ୍ ସିମ୍ପୋସିୟମ୍ ଆୟୋଜିତ

**ଭୁବନେଶ୍ୱର,୧୫।୧୨ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନେଫ୍ରୋଲୋଜି ବିଭାଗ ପକ୍ଷରୁ ଶନିବାର ଦିନ 'ପ୍ରଥମ ସୋଆ ରେନାଲ୍ ସିମ୍ପୋସିୟମ୍' ଅନୁଷ୍ଠିତ ହୋଇଯାଇଛି।

ଆୟୋଜିତ ଏହି 'ପ୍ରଥମ ସୋଆ ରେନାଲ୍ ସିମ୍ପୋସିୟମ୍' (ଏସ୍‌ଆର୍‌ଏସ୍) ର ପ୍ରସଙ୍ଗ ରହିଥିଲା 'କମ୍ପ୍ରେହେନ୍ସିଭ୍ ଅପ୍‌ଡେଟ୍ସ ଇନ୍ ନେଫ୍ରୋଲୋଜି'।

ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିଡ଼ନୀ ଜନିତ ସମସ୍ୟା ଥିବା ରୋଗୀଙ୍କ କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ଡାଏଲିସିସ୍ ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ମେଡିକାଲ୍‌ର ସୁପରିଟେଣ୍ଡେଣ୍ଟ୍ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ ହସ୍ପିଟାଲ୍‌ରେ ମାସକୁ ପ୍ରାୟ ୨୫୦୦ ଡାଏଲିସିସ୍ କରାଯାଉଥିବା ବେଳେ ବିଶେଷଜ୍ଞ ଡାକ୍ତର ଓ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ରହିଛି। ସେହିପରି ହୃଦ୍‌ରୋଗ ଓ ମଧୁମେହ



ରୋଗୀଙ୍କ କ୍ଷେତ୍ରରେ କିଡ଼ନୀ ସମସ୍ୟା ଅଧିକ ଦେଖାଯାଉଥିବା ସେ କହିଥିଲେ।

କାର୍ଯ୍ୟକ୍ରମରେ ଲକ୍ଷ୍ନୌର ଏସ୍‌ଜିପିଜିଆଇଏମ୍‌ଏସ୍‌ର ନେଫ୍ରୋଲୋଜି ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର (ଡାକ୍ତର) ଅମିତ୍ ଗୁପ୍ତା ଓ ଉତ୍କଳ ହସ୍ପିଟାଲର ନେଫ୍ରୋଲୋଜି ବିଭାଗର କନ୍‌ସଲଟାଂଟ ପ୍ରଫେସର ଏସ୍.ସି ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କିଡ଼ନୀ ରୋଗର କାରଣ, ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଓ ଔଷଧ ବିଷୟରେ ଆଲୋଚନା କରିଥିଲେ।

ଆୟୋଜିତ ଏହି ସିଏମ୍‌ଇରେ ଓଡ଼ିଶା ବାହାରୁ ନୂଆଦିଲ୍ଲୀ ସ୍ଥିତ ଏମ୍‌ସ, ବେଙ୍ଗାଲୁରୁ, ଚେନ୍ନାଇ ଓ ଲକ୍ଷ୍ନୌର ବିଶିଷ୍ଟ ଡାକ୍ତରମାନେ ଓ ଓଡ଼ିଶାର ଭୁବନେଶ୍ୱର, କଟକ, ରାଉରକେଲା ଏବଂ ବରଗଡ଼ର ସ୍ୱନାମଧନ୍ୟ ନେଫ୍ରୋଲୋଜି ବିଶେଷଜ୍ଞମାନେ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ ରଖିବା ସହ କିଡ୍‌ନୀ ରୋଗ କ'ଣ ଓ ଉପୁଜୁଥିବା ସମସ୍ୟା ଓ ତା'ର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ।

ସମ୍ ହସ୍ପିଟାଲର ନେଫ୍ରୋଲୋଜି ବିଭାଗର ମୁଖ୍ୟ ଡାକ୍ତର ବିଶ୍ୱରନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଫେସର (ଡାକ୍ତର) ଦେବ ପ୍ରସାଦ କର, ଆସୋସିଏଟ୍ ପ୍ରଫେସର (ଡାକ୍ତର) ବିଶ୍ୱଜିତ୍ ମିଶ୍ର, ଆସିଷ୍ଟାଂଟ ପ୍ରଫେସର ଅମୃତା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦେଶରୁ ପୁଞ୍ଜି ସଂଗ୍ରହ

ବିଦେଶରୁ ପୁଞ୍ଜି ସଂଗ୍ରହ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି। ସେଠାରେ ସେ ବହୁ ନିବେଶକାରୀଙ୍କ ସହ ଆଲୋଚନା କରିବେ ଏବଂ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ନିବେଶ କରିବାକୁ ପ୍ରବର୍ତ୍ତାଇବେ। ଏହା ସହିତ ମୁଖ୍ୟମନ୍ତୀ ଏକ ରୋଡ ଶୋରେ ମଧ୍ୟ ଭାଗ ନେବେ। ଏହା ପୂର୍ବରୁ ମୁମୁମ୍ବାଇରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୁମ୍ବାଇରେ ଅନେକ ଶିଳ୍ପ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ଅନେକ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କାରଣ ରାଜ୍ୟର ରାଜସ୍ୱ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଶିଳ୍ପ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଓଡ଼ିଶାରେ ଶିଳ୍ପ ପାଇଁ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି। ବିଶେଷ କରି ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଏଠାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଇସ୍ପାତ, ଆଲୁମିନିୟମ ଉତ୍ପାଦନ ନିମନ୍ତେ କଞ୍ଚାମାଲର ଅଭାବ ନାହିଁ। ପାଣି ଏବଂ ବିଦ୍ୟୁତ ।କ୍ତି ମଧ୍ୟ ଉପଲବ୍ଧ ଏବଂ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ରହିଛି। ଏହା ବ୍ୟତିତ ଆଇଟି ଏବଂ କୃଷି ଭିତ୍ତିକ ଶିଳ୍ପ ନିମନ୍ତେ ମଧ୍ୟ ସୁଯୋଗ ରହିଛି। ସମସ୍ୟା ହେଉଛି ଜମି। ଯେ କୌଣସି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ହେଉଛଇ ପ୍ରଥମ ଆବଶ୍ୟକତା। ଓଡ଼ିଶାର ଅଧିକାଂଶ ଜମି ହେଉଛି ଚାଷଜମି ବା ଜଙ୍ଗଲ ଜମି। ତେଣୁ ଜମି ଅଧିଗ୍ରହଣ ଏପରିକି ସରକାରୀ ଜମି ମଧ୍ୟ ଅଧିଗ୍ରହଣ କରିବା କଷ୍ଟକର ହେଉଛି। ଲୋକେ ଶିଳ୍ପ ପାଇଁ ଜମି ଛାଡ଼ିବାକୁ ନାରାଜ। ଏହାର ଯଥାର୍ଥତା ମଧ୍ୟ ରହିଛି। ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ। ଏହା ବେଶ ସମୟସାପେକ୍ଷ। ଏହି କାରଣରୁ ପୋସ୍କୋ ପ୍ରକଳ୍ପ ଓଡ଼ିଶାରୁ ଓହରିଯାଇଥିଲା। ଅତୀତରେ ନବୀନ ପଟ୍ଟନାୟକ ସରକାର ମଧ୍ୟ ଓଡ଼ିଶାରେ ଶିଳ୍ପ ପ୍ରତି୍ଷ୍ଠା ନିମନ୍ତେ ପୁଞ୍ଜି ସଂଗ୍ରହ ନିମନ୍ତେ ଅନେକ ପ୍ରୟାସ କରିଥିଲେ। ପୂର୍ବରୁ ବିଜୁ ପଟ୍ଟନାୟକ ଏବଂ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱାଧିନ ସରକାର ମଧ୍ୟ ପ୍ରୟାସ କରିଛନ୍ତି। ବିଜୁ ବାବୁ କଳିଙ୍ଗନଗରରେ ସ୍ୱରାଜ ପଲଙ୍କ କାପାରୋ ଗ୍ରୁପକୁ ବୃହତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପ୍ରରୋଜିତ କରି ବିଫଳ ହୋଇଥିଲେ। କଂଗ୍ରେସ ଶାସନ କାଳରେ ଗୋପାଳପୁରରେ ଟାଟା ପ୍ରକଳ୍ପ ପ୍ରତିଷ୍ଠା ଉଦ୍ୟମ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ବିଫଳ ହୋଇଥିଲା। ପରେ ନବୀନ ବାବୁଙ୍କ ପ୍ରୟାସ ଫଳରେ କଳିଙ୍ଗନଗରରେ ଟାଟା ପ୍ରକଳ୍ପ ପ୍ରତିଷ୍ଠା ହେଲା। କିନ୍ତୁ ଏଥିପାଇଁ କିଛି କମ କଷ୍ଟ କରିବାକୁ ପଡ଼ିନାହିଁ। ଆଦିବାସୀଙ୍କ ବିରୋଧ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା। ନବୀନ ପଟ୍ୟନାୟକଙ୍କ ଶାସନ କାଳରେ ଓଡ଼ିଶାକୁ ପୁଞ୍ଜି ଆକୃଷ୍ଟ କରିବାକୁ ଅନେକ ପ୍ରୟାସ କରାଯାଇଛି। ଓଡ଼ିଶାରେ ଅନେକ ଥର ନିବେଶକ ସମ୍ମିଳନୀ ହୋଇଛି। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁରେ ଆଲୋଚନା ବୈଠକ, ରୋଡ ଶୋ ହୋଇଛି। ବିଦେଶରେ ମଧ୍ୟ ଅନେକ ନିବେଶକଙ୍କ ସହ ଆହଲୋଚନା ବୈଠକ, ସମ୍ମିଳନୀ ହୋଇଛି। ଅନେକ ପ୍ରତିଶ୍ରୁତି ମଧ୍ୟ ମିଳିଛି। କିନ୍ତୁ ସେଥିରୁ ଖୁବ କମ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି। ଏବେ ମୁଖ୍ୟମନ୍ତୀ ମୋହନ ଚରଣ ମାଝୀ ଏଥିଲାଗି ସାନି ପ୍ରୟାସ ଆରମ୍ଭ କରିଛନ୍ତି। ଏହା କେତେଦୂର ସଫଳ ହେବ ତାହା ସମୟ କହିବ। କିନ୍ତୁ ପ୍ରଶ୍ନ ହେଲା ବାସ୍ତବରେ ଓଡ଼ିଶାରେ ଘରୋଇ ପୁଞ୍ଜିନିବେଶର କେତେ ଆବଶ୍ୟକତା ରହିଛି ? କେଉଁ କ୍ଷେତ୍ରରେ ଏହା ସମ୍ଭବ ? ଓଡ଼ିଶାରେ ବିପୁଳ ପରିମାଣର ଖଣିଜ ସମ୍ପଦ ରହିଛି। ଏହାର ବିନିଯୋଗ ଲାଗି ଅନେକ ଶିଳ୍ପ ପ୍ରତିଷ୍ଠା ହୋଇଛି। ଆହୁରି ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାର ସୁଯୋଗ ରହିଛି। କିନ୍ତୁ ଖାଲି ଉତ୍ପାଦନ ହେଲେ ହେବନି। ଏହାର ବଜାର ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ରହିଛି।

# ଭାରତକୁ ଭଲ ପାଉଥିବା ଇଂରେଜ

**।। ବିପିନ ବିହାରୀ ରାଉତ ।।**

*"ଗିଲୟିନ୍ ରାଇଟ୍ ହେଉଛନ୍ତି ହିନ୍ଦୀ ଓ ଉର୍ଦ୍ଦୁ ଭାଷାକୁ ଭଲ ପାଉଥିବା ଜଣେ ଇଂରେଜ । ଇଂଲଣ୍ଡ ୟୁନିଭରସିଟିରେ ପଢୁଥିବା ସମୟରେ ଏହି ଦୁଇଟି ଭାଷା ପ୍ରତି ତାଙ୍କର ଆକର୍ଷଣ ଭାରତକୁ ଟାଣି ଆଣିଥିଲା ୧୯୭୭ରେ ଭାରତ ଆସି ହିନ୍ଦୀ ଓ ଉର୍ଦ୍ଦୁ ଭାଷାର ପ୍ରମୁଖ ଉପନ୍ୟାସକୁ ଇଂରାଜୀରେ ଅନୁବାଦ କରିଥିଲେ । ସବୁଠାରୁ ବଡ଼କଥା ହେଉଛି ତାଙ୍କର ଅନୁବାଦିତ ଇଂରାଜୀ ଉପନ୍ୟାସ ଗୁଡ଼ିକ ବିଦେଶରେ ବେଷ୍ଟ ସେଲର ପୁରସ୍କାର ପାଇଥିଲା । ଯାହାଦ୍ୱାରା ଭାରତୀୟ ସୃଜନ ସଂସ୍କୃତି ବିଦେଶରେ ବହୁଳ ପ୍ରସାର ଲାଭ କରି ପାଠକୀୟ ଆଦୃତି ମଧ ପାଇଥିଲା ।"*

ଚଳିତ ବର୍ଷ ପାଳନ ହେଉଛି ଭାରତର ୭୭ତମ ସ୍ୱାଧୀନତା ଦିବସ। ପ୍ରତିଟି ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ଏହି ଦିନଟି ନିଶ୍ଚିନ୍ତ ଭାବେ ପବିତ୍ର। ଆସନ୍ତୁ ଏହି ଅବସରରେ ଭାରତକୁ ଭଲ ପାଉଥିବା କିଛି ଇଂରେଜ ମାନଙ୍କ ବିଷୟରେ ଜାଣିବା। ବିଶ୍ୱ ପ୍ରସିଦ୍ଧ ଶିଶୁସାହିତ୍ୟିକ ରସ୍କିନ୍ ବଣ୍ଡଙ୍କୁ କିଏ ନଜାଣନ୍ତି । ଜନ୍ମ ପରାଧୀନ ଭାରତରେ କିନ୍ତୁ ବାପା ମାଆ ବ୍ରିଟିଶ । ବାପା ବ୍ରିଟିଶ ସେନାରେ କାମ କରୁଥିଲେ ତେବେ ରସ୍କିନ୍‌ଙ୍କୁ ମାତ୍ର ବାରବର୍ଷ ବୟସ ହୋଇଥିବାବେଳେ ଦେଶ ସ୍ୱାଧୀନତା ପାଇଲା । ସ୍ୱାଧୀନତା ପରେ ନିଜ ଦେଶକୁ ଫେରିଯାଇଥିଲେ ବି ଏକ ବହି ପ୍ରକାଶନ ବାବଦରେ ପାଇଥିବା ପଚାଶ ପାଉଣ୍ଡ ଧରି ଜଳପଥରେ ବ୍ରିଟେନ୍‌ରୁ ଫେରିଥିଲେ ମୁମ୍ବାଇ । ଆଉ ସବୁଦିନ ପାଇଁ ଏଇଠି ହିଁ ସେ ରହିଗଲେ । ଉତ୍ତରାଖଣ୍ଡର ମସୋରୀରେ ନିଜ ପୋଷ୍ୟ ପରିବାର ସହ ରହୁଥିବା ରସ୍କିନ୍ କୁହନ୍ତି ବିଶାଳକାୟ ଭାରତ ଦେଶରେ ଅନେକ ବଦଳି ଥିଲେ ବି ଜ୍ଞାନ ଓ ସୂଚନାର ପରିସୀମା ବଢ଼ିଛି । ସେ ଭାରତବର୍ଷର ମହାନ୍ ଆତିଥ୍ୟତା ସମ୍ପର୍କରେ ଉଲ୍ଲେଖ କରି କହନ୍ତି ଯେ ଯେକୌଣସି ସମୟରେ ଯେ କେହି ଆପଣଙ୍କର ଅତିଥି ହୋଇପାରନ୍ତି ଆଉ ଆପଣଙ୍କୁ ଅତିଥି କରିନେଇପାରନ୍ତି । କିନ୍ତୁ ୟୁରୋପୀୟ ଦେଶମାନଙ୍କରେ ଜୀବନ ଖୁବ୍ ଏକାକୀ ।

ବ୍ରିଟିଶ ବ୍ରଡ୍‌କାଷ୍ଟିଙ୍ଗ କର୍ପୋରେସନର ସମ୍ବାଦଦାତା ଭାବରେ ଭାରତରେ ଅବସ୍ଥାପିତ ହୋଇଥିବା ସାର୍ ମାର୍କଟୁଲିଙ୍କ ଦୀର୍ଘ ଜୀବନ ବିତିଯାଇଛି ବିବିସିରେ । ଆନ୍ତର୍ଜାତିକ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବା ଭୋପାଳ ଗ୍ୟାସ ଟ୍ରାଜେଡି ଠାରୁ ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାଣ୍ଡ, ପଞ୍ଜାବର ଅପରେସନ ବ୍ଲୁଷ୍ଟାର, ଦିଲ୍ଲୀରେ ଶିଖ୍ ବିରୋଧୀ ଦଙ୍ଗା, ବାବରୀ ମସ୍‌ଜିଦ୍ ଭଙ୍ଗା ଘଟଣାର ପ୍ରତ୍ୟକ୍ଷଦର୍ଶୀ ସମ୍ବାଦ ସେ ପରିବେଷଣ କରିଛନ୍ତି । ୧୯୯୪ରେ ବିବିସିରୁ ଅବସର ନେଇଥିଲେ ବି ସେ କିନ୍ତୁ ଭାରତର ମୋହରେ ପଡ଼ି ଏହିଠାରେ ହିଁ ଅବଶିଷ୍ଟ ଜୀବନ ବିତାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ତାଙ୍କ କହିବା କଥା ଇଂରେଜମାନଙ୍କ ଯୋଗୁଁ ଭାରତୀୟମାନେ ଇଂରାଜୀରେ ଦକ୍ଷ ହୋଇଥିଲେ ବି ଇଂରାଜୀ ପାଇଁ ନିଜ ଭାଷାକୁ ସେମାନେ ଅଣଦେଖା କଲେ । ଗତ କୋଡ଼ିଏ ବର୍ଷ ଭିତରେ ଭାରତ ଅନେକ ବଦଳି ଥିଲେ ବି ସେ ଦୃଷ୍ଟିକୋଣରେ ରୋଜଗାର ଓ ଅବସର ବି ବଢ଼ିଛି । ଭାରତରେ ସେ କେବେ ବି ଭେଦଭାବର ଶିକାର ହୋଇନାହାନ୍ତି ବରଂ ଏହି ବିଶାଳକାୟ ଭୂଖଣ୍ଡ ତାଙ୍କୁ ଅଜସ୍ର ଖ୍ୟାତି, ପ୍ରତିଷ୍ଠା ଓ ଐଶ୍ୱର୍ଗିକ ଆନନ୍ଦ ଦେଇଛି। ୧୯୬୬ରେ ପ୍ରଖ୍ୟାତ ସିତାର ବାଦକ ପଣ୍ଡିତ ରବିଶଙ୍କରଙ୍କ କାର୍ଯ୍ୟକ୍ରମ ଦେଖି ଯେଉଁ କିଶୋର ଜଣକ ଭାରତର ନିକଟତର ହୋଇ ଏହି ଦେଶକୁ ଆସିଥିଲେ ସେ ହେଉଛନ୍ତି ବେରି ଜନ୍ । ପ୍ରଥମେ ବାଙ୍ଗାଲୁରୁର ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଂଲିଶରେ ପଢ଼ାଇବା ସହ ଅଲଇଣ୍ଡିଆ ରେଡ଼ିଓରେ ସମ୍ପୃକ୍ତ ରହି ପ୍ରାରମ୍ଭିକ କିଛି ବର୍ଷ ଦିଲ୍ଲୀ ଓ ପରେ ମୁମ୍ବାଇରେ ରହୁଥିବା ବେରିଜନ୍ ଭାରତ ବର୍ଷର ବିବିଦ୍ଧତା ସମ୍ପର୍କରେ କୁହନ୍ତି ସ୍ୱାଧୀନତାର ସ୍ୱାଦ ନୂଆକରି ପରଖୁଥିବା ଭାରତ ବିଶ୍ୱର ଅନ୍ୟତମ ବୃହତ୍ ଆର୍ଥିକ ଶକ୍ତି ପାଲଟିଛି । ଭାରତ ପରି ଅନେକତାରେ ଏକତା ଆଉ କେଉଁଠି ଦେଖିନାହାଁନ୍ତି ବୋଲି ସେ କହିବା ସହ ଏହି ଦେଶର ଭାଷା ଓ ସଂସ୍କୃତି ତାଙ୍କୁ ନୂଆ ଜୀବନ ଦେଇଛି ବୋଲି ସେ କୃତଜ୍ଞତାର କଣ୍ଠରେ ସ୍ୱୀକାର କରନ୍ତି ।

ବାୟୋକନ୍ ଲିମିଟେଡ୍‌ର ଭାଇସ୍ ଚେୟାରମ୍ୟାନ ଜନ୍'ଶ କୋଡିଏ ବର୍ଷ ପୂର୍ବେ ଭାରତ ଆସିଥିଲେ । ଏହିଠାରେ ହିଁ ସଂସାର ଓ ସାରା ଜୀବନ ରହିବାର ନିଷ୍ପତ୍ତି ସେ ନେଇଥିଲେ । ଆର୍ଥିକ ଉଦାରୀକରଣ ଯୋଗୁଁ ଏବେ ବିଦେଶୀମାନେ ଭାରତରେ ରହିବା ସହଜ ହୋଇଛି ବୋଲି ମତ ଦେବା ସହ ଭାରତୀୟ ମାନଙ୍କ ବନ୍ଧୁତ୍ୱ ଓ ପ୍ରତିକୂଳ ପରିସ୍ଥିତିରେ ସଂଘର୍ଷ କରିବାର ଉତ୍ସାହ ତାଙ୍କୁ ପ୍ରେରଣା ଯୋଗାଇଛି । ରଙ୍ଗ ବା ଜନ୍ମ ନେଇ କୌଣସି ଭେଦଭାବର ଶିକାର ହୋଇନାହାଁନ୍ତି । ଭାରତୀୟ ଆଧ୍ୟାତ୍ମିକତା, ଦର୍ଶନ ଓ ସଂସ୍କୃତିର ଗଭୀର ଅନୁରାଗୀ ଜନ୍'ଶ ବିଦେଶରେ ଏହାର ପ୍ରଚାର ଓ ପ୍ରସାର ପାଇଁ ଅନେକ ନିଷ୍ଠାପର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

ଗିଲୟିନ୍ ରାଇଟ୍ ହେଉଛନ୍ତି ହିନ୍ଦୀ ଓ ଉର୍ଦ୍ଦୁ ଭାଷାକୁ ଭଲ ପାଉଥିବା ଜଣେ ଇଂରେଜ । ଇଂଲଣ୍ଡ ୟୁନିଭରସିଟିରେ ପଢୁଥିବା ସମୟରେ ଏହି ଦୁଇଟି ଭାଷା ପ୍ରତି ତାଙ୍କର ଆକର୍ଷଣ ଭାରତକୁ ଟାଣି ଆଣିଥିଲା ୧୯୭୭ରେ ଭାରତ ଆସି ହିନ୍ଦୀ ଓ ଉର୍ଦ୍ଦୁ ଭାଷାର ପ୍ରମୁଖ ଉପନ୍ୟାସକୁ ଇଂରାଜୀରେ ଅନୁବାଦ କରିଥିଲେ । ସବୁଠାରୁ ବଡ଼କଥା ହେଉଛି ତାଙ୍କର ଅନୁବାଦିତ ଇଂରାଜୀ ଉପନ୍ୟାସ ଗୁଡ଼ିକ ବିଦେଶରେ ବେଷ୍ଟ ସେଲର ପୁରସ୍କାର ପାଇଥିଲା । ଯାହାଦ୍ୱାରା ଭାରତୀୟ ସୃଜନ ସଂସ୍କୃତି ବିଦେଶରେ ବହୁଳ ପ୍ରସାର ଲାଭ କରି ପାଠକୀୟ ଆଦୃତି ମଧ ପାଇଥିଲା ।

ଆଲ୍‌ବେନିଆରେ ଜନ୍ମିତା ରୋମାନ୍ କ୍ୟାଥଲିକ୍ ମଦର ଟେରେସାଙ୍କୁ ସମଗ୍ର ବିଶ୍ୱ ଜାଣେ । ଗରିବଙ୍କ ଭିତରେ ଭଗବାନଙ୍କୁ ଅନୁଭବ କରି ସେମାନଙ୍କ ସେବା ପାଇଁ ସେ ଭାରତରେ ପାଦ ଦେଇଥିଲେ । ଆଜି ସାରା ବିଶ୍ୱର ୧୬୦ରୁ ଅଧିକ ଦେଶରେ ତାଙ୍କ ଅନୁଷ୍ଠାନ କାର୍ଯ୍ୟରତ । ପ୍ରଥମ ଭାରତୀୟ ଭାବରେ ସେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ । ବ୍ରିଟେନ୍ ଜନ୍ମିତ ଲରି ବେକ୍‌ର ନିଜ ଦେଶର ଟେକ୍ନୋଲୋଜିର ବିକାଶକୁ ନେଇ ଗର୍ବ କରୁଥିବାବେଳେ ସଂସ୍କୃତି ବିଭବପୂର୍ଣ୍ଣ ଭାରତରେ ସେ ପାଦ ଦେଇ ଏହାର ବିକାଶ ପାଇଁ କାର୍ଯ୍ୟ କରିଥିଲେ । ନିଜ ଜୀବନର ସଞ୍ଚିତ ଅନେକ ଅର୍ଥ ଏହି ପ୍ରଯୁକ୍ତି ବିଦ୍ୟାର ସଫଳତା ପାଇଁ ସେ ଅକାତରରେ ଖର୍ଚ୍ଚ କରିଛନ୍ତି । ଗ୍ରାମୀଣ ଭାରତର ଅନେକ ଅଗମ୍ୟ ସ୍ଥାନରେ ସେ ନିଜ ହାତରୁ ପଇସା ଖର୍ଚ୍ଚ କରି ପ୍ରତିଷ୍ଠା କରିଛନ୍ତି ଟେକ୍ନୋଲୋଜି ଗ୍ରାମ । ୧୯୦୭ରେ ଜନ୍ମିତ ବେକ୍‌ର ୧୦୦ବର୍ଷ ପର୍ଯ୍ୟନ୍ତ ବଞ୍ଚିଥିଲେ ।

ଭାରତୀୟ ରଙ୍ଗମଞ୍ଚ ଓ ବଲିଉଡ ସିନେମାର ଜଣାଶୁଣା ଅଭିନେତା ଟମ୍ ଆଲର୍ଟର ବେଶ ପରିଚିତ । ଏହି ଆମେରିକୀୟ ଜଣଙ୍କ ବର୍ତ୍ତମାନ ଉତ୍ତରାଖଣ୍ଡରେ ସ୍ଥାୟୀ ଭାବେ ରହୁଛନ୍ତି । ଭାରତୀୟ ରଙ୍ଗମଞ୍ଚ ଓ ପୁରୁଣା କଥାବସ୍ତୁର ଚଳଚ୍ଚିତ୍ରର ପ୍ରସାର ସେ ବିଦେଶରେ କରି ଏହି ଦେଶର ରଙ୍ଗମଞ୍ଚର ସଂସ୍କୃତିର ସେ ଜଣେ ଯଥାର୍ଥ ପୂଜାରୀ ଭାବେ ପ୍ରତିପାଦିତ କରିଛନ୍ତି ।

ଏସ୍‌ଏସ୍‌ଲି ହେଉଛନ୍ତି ଚୀନ୍ ବଂଶୋଦ୍ଭବ । ଏହି ଖେଳାଳୀ ଭାରତରେ ସ୍ଥାୟୀ ବସବାସ କରି ଦିଲ୍ଲୀ ରଣଜୀ କ୍ରିକେଟ୍ ଟିମ୍ ପକ୍ଷରୁ ବର୍ଷ ବର୍ଷ ଧରି ଖେଳି ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି । ବର୍ତ୍ତମାନ ସେ ସେଣ୍ଟର ଓ୍ୱେର ହାଉସିଂ କର୍ପୋରେସନର ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ଜଣେ ଚୀନ୍ ଜନ୍ମିତ ଭାବେ ନୁହେଁ ବରଂ ଜଣେ ଭାରତୀୟ ଭାବେ ସେ ଗର୍ବିତ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଆମେରିକୀୟ ବଂଶୋଦ୍ଭବ ଜୋସେଫ୍ ଏଲଏନ୍ ଷ୍ଟିମ୍ ଭାରତର ବିଖ୍ୟାତ ସ୍ଥପତି ଭାବେ ପରିଚିତ । ଜଣେ ଆମେରିକାନ୍ ହୋଇବି ଭାରତର ମୋହରେ ପଡ଼ି ନିଜ ଭିଟାମାଟିକୁ ପଛ କରି ସେ ପାଦ ଦେଇଥିଲେ ମୁମ୍ବାଇରେ । ଏହିଠାରେ ନିଜର ସମସ୍ତ ଜୀବନ ଅତିବାହିତ କରି ଭାରତର ଅନେକ ସ୍ଥାପତ୍ୟ କଳାର ସେ ଜଣେ କୁଶଳୀ ସ୍ଥାପତି ଭାବେ ବେଶ୍ ପ୍ରତିଷ୍ଠିତ ଓ ଆଦରଣୀୟ । ୨୦୦୫ରେ ତାଙ୍କର ଦେହାବସାନ ଘଟିଥିଲା ।

ବେଲଜିୟମ୍ ଜନ୍ମିତ ଅର୍ଥଶାସ୍ତ୍ରୀ ଭାବେ ଜିନ୍ ଡେଜେ୍ ନିଜ କର୍ମଭୂମି ଭାବେ ବାଛି ଥିଲେ ଭାରତକୁ । ଭାରତର ପ୍ରତିଷ୍ଠିତ ଦିଲ୍ଲୀ ସ୍କୁଲ ଅଫ୍ ଇକ୍ନୋମିକସ୍‌ରେ ଅନେକ ବର୍ଷ ଧରି ଅଧ୍ୟାପନା ଦାୟିତ୍ୱ ଭିତରେ ସେ ଭାରତର ପ୍ରତିଷ୍ଠିତ ଅର୍ଥବିତ୍ ମାନଙ୍କୁ ସେ ହିଁ ସୃଷ୍ଟି କରିଥିଲେ । ଦେଶର ଗରିବ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିଥିବା ମନରେଗା କାର୍ଯ୍ୟକ୍ରମର ସେ ହେଉଛନ୍ତି ଜନକ । ଓଡ଼ିଶୀ ନୃତ୍ୟର ପ୍ରେମରେ ପଡ଼ି ଯେଉଁ ଆମେରିକୀୟ କଳାଛାତ୍ରୀ ୧୯୭୩ରେ ପରିବାରର କଥା ନମାନି ଭାରତରେ ପାଦ ଦେଇଥିଲେ ସେ ହେଉଛନ୍ତି ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ସାରୋନ ଲୋଏନ୍ । ଗୁରୁ କେଲୁଚରଣ ମହାପାତ୍ରଙ୍କ ଠାରୁ ନୃତ୍ୟ ଶିଖି ଭାରତରେ ରହିଯାଇ ବର୍ତ୍ତମାନ ବିଶ୍ୱର କୋଣଅନୁକୋଣରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରୁଛନ୍ତି । ଚୀନ୍ ବଂଶୋଦ୍ଭବ ଜୋସେଫ୍ କକ୍ ଜଣେ ଚାଇନା ହୋଇମଧ ଭାରତୀୟ ଭାବେ ନିଜକୁ ଗୌରବ ଅନୁଭବ କରନ୍ତି । ୧୯୮୨ରେ ଏସିଆନ୍ ଗେମରେ ସେ ଓ୍ୱାଟର ପୋଲରେ ଭାରତର ପ୍ରତିନିଧିତ୍ୱ କରି ଗୌରବ ପ୍ରାପ୍ତି ହୋଇଥିଲେ । କେବଳ ସେତିକି ନୁହେଁ ଅନେକ ସମାଜ ସେବୀ ସଂଗଠନ ପାଇଁ କାର୍ଯ୍ୟ କରିବା ସହ ଭାରତୀୟ କ୍ରୀଡ଼ା ଉପରେ ସେ ଅନେକ ଉପାଦେୟ ପୁସ୍ତକ ରଚନା କରି ଭାରତର ସୃଜନଶୀଳତାକୁ ବୃଦ୍ଧି କରିବାରେ ସମର୍ଥ ହୋଇଛନ୍ତି ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩

# ଏକ ଐଶୀକଳା ସଂପନ୍ନ ବରପୁତ୍ର

**।। ଫଜଲ ହକ ଖାନ୍ ।।**

କାଳରେ ଧର୍ମର ଗ୍ଳାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକୁମର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମ୍ଭକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।''

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧ୍ୟାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରି ଥିଲେ ଯେ,'ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୂକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ୱଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧ୍ୟାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।

ୟୁନିଟ-୪, ଭୁବନେଶ୍ୱର
ଯୋଗାଯୋଗ:୯୬୯୨୨୫୦୫୭

# ଆମେ ଓ ଆମ ପରିବେଶର ପଶୁପକ୍ଷୀ

**।। ବିପିନ ବିହାରୀ ମହାନ୍ତି ।।**

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ ।

ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ଓ୍ୱାଇଲଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଠପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର, ଜଟଣୀ**

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ସୁବର୍ଣ୍ଣପୁର ଜିଲ୍ଲା ଯାଦବ ସମାଜର ବନ୍ଧୁମିଳନ



**ସୁବର୍ଣ୍ଣପୁର, (ନିପ୍ର):** ସୋନପୁର ମଝି ପଡ଼ା ରାମଜୀ ମନ୍ଦିର ଠାରେ ଜିଲ୍ଲା ଯାଦବ ସମାଜର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜର ଅବିବାହିତ ପୁଅ ଝିଅଙ୍କ ବିବାହ ଯୋଗ ସୂତ୍ର ଆଲୋଚନା ଥିଲା ଏହାର ମୂଳ ଲକ୍ଷ୍ୟ। ଶ୍ରୀ କ୍ଷୀର ମୋହନ ଅଦାବରଙ୍କ ପୌରହିତ୍ୟରେ ଓ ମନ ବୋଧ ଭୋଇ, ଡ଼ା ସୌରୀ ନାରାୟଣ ଷାଣ୍ଡଙ୍କ ତତ୍ତ୍ୱାବଧାନରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଯୁବ ଯାଦବ ସମାଜର ସଭାପତି ସୁରେଶ କୁମାର ଷାଣ୍ଡେ, ଯାଦବ ସମାଜ ପୌରକ୍ଷଅଁଳ ସଭାପତି ପ୍ରଫୁଲ୍ଲ ନାଏକ, ଜିଲ୍ଲା ଯାଦବ ସମ୍ପାଦକ ପିତ ବାସ ଭୋଇ, କୋଷାଧକ୍ଷ ଅଭିମନ୍ୟୁ ବଗର୍ତ୍ତି, ବିଏମ୍ ପୁର ବ୍ଲକର ଇନ୍ଦ୍ର ଜିତ୍ ପରୁଆ, ବସନ୍ତ ମହାକୁଡ଼, ବିନିକା ବ୍ଲକର ଆଦିତ୍ୟ ବାଗ, ଉଲୁଣ୍ଡା ବ୍ଲକ୍‌ର କନ୍ଦର୍ପ ବାଘ ପ୍ରମୁଖ ନିଜ ନିଜର ସୁ ଚିନ୍ତିତ ମତା ମତ ଦେଇଥିଲେ। ସମ୍ବଲପୁର ଜିଲ୍ଲାର କୃଷ୍ଣ ଗୁରୁ ଆଦାବର୍ଁ, ହୀରାକୁଦର ଲକ୍ଷ୍ମଣ ପୋଡ଼ ଯୋଗ ଦେଇଥିବା ବେଳେ ମହିଳା ସଦସ୍ୟ ଶ୍ରୀମତୀ ସଂଯୁକ୍ତା ଆଦକ୍ଷବର୍ଁ, ସବିତା ଷାଣ୍ଡେ, ପୁଷ୍ପାଞ୍ଜଳି ବାଘ୍, ଜୟନ୍ତୀ ନାଏକ, କଳ୍ପନା ଭୋଇ ପ୍ରମୁଖ ଆଲୋଚନା ରେ ଭାଗ ନେଇ ଥିଲେ। ସଭା ଶେଷରେ ଡା ନାରାୟଣ ନାଏକ ଧନ୍ୟ ବାଦ ଅର୍ପଣ କରିଥିଲେ।

# ନୂଆପଡ଼ାରେ ମାଣ୍ଡିଆ କ୍ରୟ ପାଇଁ ଜିଲ୍ଲାସ୍ତରୀୟ କମିଟି ବୈଠକ



**ନୂଆପଡ଼ା,(ନି.ପ୍ର) :** ନୂଆପଡ଼ା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଭାବନା ସମ୍ମିଳନୀ କକ୍ଷରେ ମାଣ୍ଡିଆ କ୍ରୟ ପାଇଁ ଜିଲ୍ଲା ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନୀୟ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟ ଅତିଥି ଭ୍ୱାରେ ଯୋଗଦାନ କରିଥିଲେ। ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ ସଭାର ଉଦ୍ଦେଶ୍ୟ ଓ ଜିଲ୍ଲା ପ୍ରଶାସନ ତଥା କୃଷି ବିଭାଗ ତରଫରୁ ମାଣ୍ଡିଆ କ୍ରୟ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଇଥିଲେ। ସରକାରଙ୍କ ଶ୍ରୀ ଅନ୍ନ ଯୋଜନା, ବିଗତ ବର୍ଷ ମାଣ୍ଡିଆ କ୍ରୟର ଲକ୍ଷ୍ୟ ଓ ସଫଳତା ହାସଲ ଉପରେ ସୂଚନା ଦେଇଥିଲେ। ଜିଲ୍ଲାପାଳ କହିଲେଯେ ରାଜ୍ୟ ସରକାର ମାଣ୍ଡିଆ ଉତ୍ପାଦନ ଓ ବିକ୍ରୀ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରି ଏହାକୁ ମଧ୍ୟାହ୍ନ ଭୋଜନ ଓ ଅଙ୍ଗନ ବାଡି କେନ୍ଦ୍ରରେ ଖାଦ୍ୟ ହିସାବରେ ସାମିଲ କରିଛନ୍ତି। ଏବର୍ଷ ଜିଲ୍ଲାର ୯୯ ଟି ଗ୍ରାମ ପଞ୍ଚାୟତର ୩୪୯ ଟି ଗାଁରେ ମାଣ୍ଡିଆ ଚାଷ ହୋଇଛି। ହେକ୍ଟର ପ୍ରତି ୧୦ କୁଇଣ୍ଟାଲ ହିସାବରେ ଏବଂ କୁଇଣ୍ଟାଲ ପ୍ରତି ୪୫୦୦ ଟଙ୍କା ଦେଇ ସରକାର ମଣ୍ଡି ଜରିଆରେ ମାଣ୍ଡିଆ କ୍ରୟ କରିବେ। ଏବର୍ଷ ଖରିଫ୍ ଋତୁ ପାଇଁ ୩୫ ଟି ମଣ୍ଡି ଜରିଆରେ ୬୨୮୬ ଜଣ ଚାଷୀଙ୍କ ଠାରୁ କୋଡ଼ିଏ ହଜାର କୁଇଣ୍ଟାଲ ମାଣ୍ଡିଆ କ୍ରୟ ପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହା ଆସନ୍ତା ଜାନୁୟାରୀ ୨ ତାରିଖରୁ ଆରମ୍ଭ ହେବ। ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲାରେ ସଚେତନତା ରଥ ବୁଲିବ। ରାଗିକୁ କେହି ଅବହେଳିତ ଶସ୍ୟ ବୋଲି ଭାବନ୍ତୁ ନାହିଁ। ବର୍ତ୍ତମାନ ସମୟର ଏହା ଏକ ମୁଖ୍ୟ ଖାଦ୍ୟ ହେବାକୁ ଯାଉଛି। ବିଧାୟକ ଶ୍ରୀଯୁକ୍ତ ଢୋଲକିଆ କହିଲେ ଯେ, ମାଣ୍ଡିଆ କିଭଳି ଭଲ ଭାବରେ ଚାଷୀଙ୍କ ଠାରୁ କିଣା ଯାଇ ପାରିବ ତା ଉପରେ ପ୍ରଶାସନ ନଜର ରଖୁ। ଗତ ବର୍ଷ ହୋଇଥିବା ଅସୁବିଧାର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସମସ୍ତ ଅଧିକାରୀ ଧ୍ୟାନ ଦେବେ। ବର୍ତ୍ତମାନ ସମୟରେ ଖାଦ୍ୟ ହିସାବରେ ରାଗି ର ଚାହିଦା ବୃଦ୍ଧି ପାଇଥିବାରୁ ଏହାକୁ ବେଶି ଚାଷୀ ଚାଷ କରନ୍ତୁ। ସଭାର ଆୟୋଜକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ ମାଣ୍ଡିଆର ମହତ୍ତ୍ୱ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଏ ପିଡି ଯୋଗେଶ୍ୱର ଭୋଇ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ବେଉରିଆ, ସମସ୍ତ ବିଡିଓ, ସମସ୍ତ ତହସିଲଦାର, ଡିପିସି ମିଶନ ଶକ୍ତି, ବିଭିନ୍ନ ଏଫ୍ ପିସିଏଲ୍ - ଯଥା ମା ସୁନାଦେଇ, ଦ୍ୱାରସିନୀ, ଉଦନ୍ତୀ, ସବୁଜ କୋମନା, ମର୍ଯ୍ୟାଦା ସଂସ୍ଥାର ଅଧିକାରୀ, ମଣ୍ଡି ପରିଚାଳକ, ବିଭିନ୍ନ ବ୍ଲକ୍‌ର କୃଷି ଅଧିକାରୀ, କୃଷକ, ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧିଙ୍କ ସହ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଯୋଗଦାନ କରିଥିଲେ।

# ବିଶ୍ୱ ପ୍ରାର୍ଥନା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା,(ନି.ପ୍ର):** ସାରାବିଶ୍ୱରେ ପ୍ରତ୍ୟେକ ଦିନ କୌଣସି ନା କୌଣସି ଦିବସ ପାଳିତ ହେଉଛି । କିନ୍ତୁ ଏପର୍ଯ୍ୟନ୍ତ ପ୍ରାର୍ଥନା ଦିବସ ବିଶ୍ୱସ୍ତରରେ ପାଳିତ ହେବା କିମ୍ବା ୟୁନେସ୍କୋ ପକ୍ଷରୁ ମାନ୍ୟତାପ୍ରାପ୍ତ ହୋଇ ପାରିନଥିବା ଅତ୍ୟନ୍ତ ପରିତାପର ବିଷୟ । ତେଣୁ ଏ ସମ୍ପର୍କରେ କେନ୍ଦ୍ରାପଡାର ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମର ସନ୍ନ୍ୟାସିନୀ ଶ୍ରୀମା' ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଉଦ୍ୟମରେ ୨୦୧୭ ମସିହାରୁ ଦୀର୍ଘ ୭ବର୍ଷ ଧରି ପ୍ରାର୍ଥନା ଦିବସ ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ଦେଶର କିଛି ସ୍ଥାନରେ ପାଳିତ ହୋଇଆସୁଅଛି। ଏହା ଜାନୁୟାରୀ ମାସର ପ୍ରଥମ ଦିନ ଅର୍ଥାତ୍ ୧ତାରିଖରେ ସାରା ବିଶ୍ୱରେ ପାଳିତ ହେବା ପାଇଁ ଦିବ୍ୟସ୍ୱରୂପା ଶ୍ରୀମା' ସମସ୍ତଙ୍କୁ ଅନୁରୋଧ କରି ପାଳନ କରିଆସୁଅଛନ୍ତି। ତେଣୁ ଆଗାମୀ ୨୦୨୫ମସିହା ଜାନୁୟାରୀ ୧ ତାରିଖରେ ସମସ୍ତ ଧର୍ମ, ବର୍ଣ୍ଣ, ସଂପ୍ରଦାୟର ଲୋକମାନେ ସେମାନଙ୍କର ନିଜ ନିଜ ଗୁରୁ ଓ ଇଷ୍ଟଙ୍କୁ ତାଙ୍କର ନିଜ ନିଜ ଭାଷାରେ ପ୍ରାତଃ ୭ଘଟିକା ସମୟରେ ଏକଘଣ୍ଟା ବ୍ୟାପୀ ପ୍ରାର୍ଥନା କରିବା ଓ ସମସ୍ତ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିବାକୁ ଦିବ୍ୟସ୍ୱରୂପା ଶ୍ରୀମା' ଅନୁରୋଧ କରିଛନ୍ତି। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ କଟକସ୍ଥିତ ଦିବ୍ୟଜୀବନ ସଂଘର ଶାଖାରେ ଶ୍ରୀମା' ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାମୀ ଶିବଚିଦାନନ୍ଦଜୀ ମହାରାଜ, ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦଜୀ ମହାରାଜ, ସ୍ୱାମୀ ଶାନ୍ତାନନ୍ଦଜୀ,ସ୍ୱାମୀ ରାମସରଣାନନ୍ଦଜୀ, ସ୍ୱାମୀ ତନ୍ମୟାନନ୍ଦଜୀ,ସ୍ୱାମୀ ଗୁରୁପ୍ରସାଦ ନନ୍ଦଜୀ, ସ୍ୱାମୀ ଆତ୍ମାନନ୍ଦଜୀ, ସ୍ୱାମୀ ଦାମୋଦରନନ୍ଦଜୀ, ପରମପୂଜ୍ୟ ବିପିନ ବାବା, ବୃନ୍ଦାବନର ପରମପୂଜ୍ୟ ରାଧେରାଧେବାବା ଓ ସାମବାବାଙ୍କ ସମେତ ଅନ୍ୟାନ୍ୟ ସାଧୁସନ୍ଥ, ଦିବ୍ୟଜୀବନସଙ୍ଘ କଟକ ଶାଖାର ସଭାପତି, ସମ୍ପାଦକ, ଡା. ଗୀତା ମହାନ୍ତି, ଡା. ରାଧା ତ୍ରିପାଠୀ, ଦିବ୍ୟଜୀବନସଙ୍ଘ ଭୁବନେଶ୍ୱର ଶାଖାର ସଭାପତି ରାଧେଶ୍ୟାମ ଦାସ, ଅନ୍ନପୂର୍ଣ୍ଣା ଦାସ, ଦୁର୍ଯ୍ୟୋଧନ ବାବୁଙ୍କ ପରିବାର ତଥା ଶିବା ଡିଟିପିର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଝାରସୁଗଡ଼ାରେ ଧାନ କିଣା ଆରମ୍ଭ



**ଝାରସୁଗୁଡା,(ନି.ପ୍ର):** ଝାରସୁଗୁଡା ଜିଲ୍ଲାରେ ଚାଷୀମାନଙ୍କ ଠାରୁ ଖରିଫ ଧାନ କିଣା ଆରମ୍ଭ କରାଯାଇଛି। ସରବାହାଲ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି ଧାନ କ୍ରୟ ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷ ଜିଲ୍ଲାରେ ୨୧୭୩୦ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ୭ଲକ୍ଷ ୯ହଜାର ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ପର୍ଯ୍ୟାୟ କ୍ରମେ ଜିଲ୍ଲାରେ ଧାର୍ଯ୍ୟ କରାଯାଇଥିବା ପ୍ରାଥମିକ ସେବା ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ନିୟନ୍ତ୍ରିତ ବଜାର କମିଟି ମାଧ୍ୟମରେ ଧାନ କ୍ରୟ କରାଯିବ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହିଳା, ଘରୋଇ ହିଂସା ଉପରେ ସଚେତନତା କର୍ମଶାଳା



**ପୁରୀ,୧୫।୧୨ (ମହାଭାରତ):** ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହିଳା ଓ ଘରୋଇ ହିଂସାର ନିରାକରଣ ପାଇଁ ସଚେତନତା ପକ୍ଷ ପାଳନ ଅବସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଆଲୋଚନା କରିଥିଲେ। ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ) ଡାକ୍ତର ବିନୋଦ ବିହାର ରଥ ଯୋଗଦେଇ ମହିଳା ଓ ଘରୋଇ ହିଂସା ନିରାକରଣ ଉପରେ ଆଲୋଚନା କରିବା ସହ ସରକାରୀସ୍ତରରେ ମିଳୁଥିବା ସୁବିଧା ସୁଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ଲଲାଟେନ୍ଦୁ ମିଶ୍ର ଯୋଗଦେଇ ଘରୋଇ ହିଂସାରୁ ନିବୃତ ରହିବା ଉପରେ ମନ୍ତବ୍ୟ ଦେଇବାସହ ସରକାରୀ ବିଧିବ୍ୟବସ୍ଥା ସହ ଡାକ୍ତରଖାନାରେ ମିଳୁଥିବା ସୁବିଧା ଉପରେ ଆଲୋଚନା କରିଥିଲେ। ଆଇନ ଉପମୁଖ୍ୟ ସହାୟତା ପ୍ରତିରୋଧ ପରିଷଦର ଜ୍ୟୋତି ଶଙ୍କର ହରିଚନ୍ଦନ ଯୋଗଦେଇ ମହିଳା ଓ ଘରୋଇ ହିଂସା ପାଇଁ ଆଇନରେ ଥିବା ନିୟମ କାନୁନ ଉପରେ ଆଲୋଚନା କରିବା ସହ ଜିଲ୍ଲାରେ ଥିବା ସଖି ୱାନ୍ ଷ୍ଟପ୍‌ରେ ମିଳୁଥିବା ସେବା ଉପରେ ବୁଝାଇଥିଲେ। ଓକିଲ ରାମ ଶଙ୍କର ପାତ୍ର ଯୋଗଦେଇ ପିସି-ପିଏନ୍‌ଡିଟି ଆକ୍ଟ ଉପରେ ତଥ୍ୟ ରଖିଥିଲେ। ଡିପିଏମ୍ ଟି. ନାରାୟ ରାଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ବେଣୁଧର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜକିଶୋର କର, ଅଶୋକ କୁମାର ସାହୁ, ଶିଳ୍ପୀ ଦାଶ, ପ୍ରଶାନ୍ତ କୁମାର, ମନୋଜ କୁମାର ପଣ୍ଡା, କସ୍ତୁରୀ ପ୍ରିୟମ୍ବଦା, ସଂଦୀପ ବରଣ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟ ପ୍ରାଣୀ ସୁରକ୍ଷା ଏବଂ ବନ୍ୟ ଆଇନ ଉପରେ ଏକ ଦିବସୀୟ ସଚେତନତା କାର୍ଯ୍ୟକ୍ରମ



**ଗୁଣୁପୁର,(ନି.ପ୍ର):** ଗୁଣୁପୁର ଫୋରେଷ୍ଟ ବିଭା ଭାଗ ଏବଂ ତାଲୁକ ରିଗାଲ ସହାୟତା କମିଟି ଦ୍ୱାରା ବନ୍ୟ ଆଇନ ଏବଂ ବନ୍ୟ ପ୍ରାଣୀ ସୁରକ୍ଷା ଆଇନ ଉପରେ ଏକ ଦିବସୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ ଗୁଣୁପୁର ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଶେଖ ମହମ୍ମଦ କଇସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଅତିଥି ଭାବେ ସବ ଜର୍ଜ ସନ୍ତୋଷ ମହାପାତ୍ର ଉପଖଣ୍ଡ ବିଚାରପତି ବିଜୟ ଲକ୍ଷ୍ମୀ ମହାପାତ୍ର ପ୍ରଥମ ଶ୍ରେଣୀ ବିଚାରପତି ପୁଣ୍ୟଶ୍ଳୋକ ଦାସ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ ରାୟଗଡା ଜିଲ୍ଲା ବନ୍ୟ ବିଭାଗ ର ଅଧିକାରୀ ଅଶୋକ ପ୍ରଧାନ ବରିଷ୍ଠ ଓକିଲ ଉମା ପଟନାୟକ କୃଷ୍ଣ ସେନାପତି ସଂଜିତ ପଟନାୟକ ବିଶନାଥ ସାହୁ ରମେଶ ଲିମା ଯୋଗ ଦେଇ ଥିଲେ। ଏହି ଅବସରରେ ବନ୍ୟ ବିଭାଗର ନୂତନ ଆଇନ ଏବଂ ବନ୍ୟ ପ୍ରାଣୀ ସୁରକ୍ଷା ଆଇନ ଉପରେ ଆଲୋଚନା କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଙ୍କୁ ଜିଲ୍ଲା ବନ୍ୟ ଅକାରୀ ଅଶୋକ ପ୍ରଧାନ ସମ୍ବର୍ଦ୍ଧିତ କରି ଥିଲେ। ଏହି କାର୍ଯ୍ୟକ୍ରମକୁ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପରିଚାଳନା କରିଥିବା ବେଳେ ଫୋରେଷ୍ଟ ରେଞ୍ଜର ଗଙ୍ଗାଧର ମିଶ୍ର ଧନ୍ୟବାଦ ଦେଇ ଥିଲେ।

# ସିଗମା ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡା



**ଖୋର୍ଦ୍ଧା,୧୫।୧୨ (ମହାଭାରତ):** ଖୋର୍ଦ୍ଧା ଷ୍ଟାଡିୟମ୍‌ରେ ସିଗମା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି। ତିନିଦିନ ଧରି ଏହି କ୍ରୀଡା ଉତ୍ସବ ଚାଲିଥିଲା। ଅନୁଷ୍ଠାନର ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଭାରତୀୟ ରିଜର୍ଭ ୬ଷ୍ଠ ବାଟାଲିୟନର ଅତିରିକ୍ତ କମାଣ୍ଡର ଅଶ୍ୱିନୀ କୁମାର ମହାପାତ୍ର ଉଦଘାଟନ ଦିବସରେ ଯୋଗଦେଇ କ୍ରୀଡାବିତଙ୍କ ଠାରୁ ମଶାଲ ଗ୍ରହଣ କରି ଉତ୍ସବର ଶୁଭାରମ୍ଭ କରିଥିଲେ। କ୍ରୀଡା ଛାତ୍ରଛାତ୍ରୀଙ୍କ ପାଇଁ ସଂପୂର୍ଣ୍ଣ ଭାବେ ଏକ ସାଧନା। ବିଦ୍ୟାଳୟ ସ୍ତରରେ ଏହି ସାଧନା ହାସଲ ପାଇଁ ଏହିଭଳି କ୍ରୀଡା ପ୍ରତିଯୋଗିତା ଆବଶ୍ୟକତା ରହିଛି। ଛାତ୍ର ସମୟରୁ ଏହି ସାଧନା ଏବଂ ପ୍ରତିଯୋଗୀତା ମନୋଭାବ ଭବିଷ୍ୟତରେ ବିଶ୍ ଅଲମ୍ପିକ୍ସରେ କୃତିତ୍ୱ ହାସଲ କରିବାର ପଥ ଦେଖାଇଥାଏ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨୦୦ମିଟର, ୧୦୦ମିଟର, ୫୦ମିଟର ଦୌଡ, ମିଉଜିକ ଚେୟାର, ସାଇକଲ ରେସ, ଲମ୍ଫଡିଆଁ, ବେଲୁନ୍ ରେସ, ବାଲି ବୋତଲ ଦୌଡ, ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ୩ଦିନ ଧରି ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ସ୍ତରରେ ନର୍ସରୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚାମ୍ପିୟାନ ଭାବେ ସୂର୍ଯ୍ୟାଂଶୁ ଭଞ୍ଜ ଏବଂ ତୃପ୍ତିମୟୀ ସ୍ୱାଇଁ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ କମାଣ୍ଡର ଶ୍ରୀ ମହାପାତ୍ର ଏବଂ ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ଏବଂ ସ୍କୁଲର ଚେୟାରମ୍ୟାନ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଯୋଗଦେଇ ଦେଇ କୃତି କ୍ରୀଡାବିତମାନଙ୍କୁ, ଟ୍ରଫି, ମେଡାଲ ଏବଂ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

## ଯୁବ ସାଂସ୍କୃତିକ ମହୋତ୍ସବ

**କେନ୍ଦ୍ରାପଡା,(ନି.ପ୍ର):** ବିବିଧ କଳାର ସମାବେଶୀ ମଞ୍ଚ 'ସିମ୍ଫୋନି' ପକ୍ଷରୁ ଚଳିତ ମାସ ୨୭ ଡିସେମ୍ବରରେ ପ୍ରଥମ ଜିଲ୍ଲା ଯୁବ ସାଂସ୍କୃତିକ ମହୋତ୍ସବ 'ଯୁବ ତରଙ୍ଗ'ର ଆୟୋଜନ କରିବାକୁ ଯାଉଛି। ଏଥି ନିମନ୍ତେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହେବାକୁ ଥିବା ଏହି ଏକଦିବାସୀୟ ଜିଲ୍ଲାସ୍ତରୀୟ ଉତ୍ସବରେ ଯୁବ ବର୍ଗ ସେମାନଙ୍କ ବିବିଧ କଳା ଓ ସୃଜନାତ୍ମକ କଳା ନୈପୁଣ୍ୟ ପ୍ରଦର୍ଶନର ସୁଯୋଗ ଲାଭ କରିବେ। ୧୫ ବର୍ଷରୁ ୨୯ ବର୍ଷ ମଧ୍ୟରେ ଥିବା ଯୁବ ପ୍ରତିଭାଧାରୀମାନେ ଏହି ଅବସରରେ କବିତା, ଗଳ୍ପ, ହାସ୍ୟ ଅଭିନୟ, ଚିତ୍ରକଳା, ନୃତ୍ୟ, ଏକକ ଅଭିନୟ, ସଙ୍ଗୀତ କଳା ପରିବେଷଣ କରିବେ। ଏହି ବୟସ ବର୍ଗ ମଧ୍ୟରେ ଆସୁଥିବା ଯୁବ ସୃଜନାଶିଳ୍ପୀମାନେ ସେମାନଙ୍କ କଳା ସଙ୍ଗୀତ ଅନୁଷ୍ଠାନ କିମ୍ବା ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷଙ୍କ ସୁପାରିଶ ପତ୍ର ମାଧ୍ୟମରେ ଯୋଗଦାନ କରି ପାରିବେ।

# ସୈନିକ ସ୍କୁଲ ପକ୍ଷରୁ ବିଜୁ ମାରାଥନ





**ଭୁବନେଶ୍ୱର,୧୫।୧୨ (ମହାଭାରତ):** ସୈନିକସ୍କୁଲ ଏବଂ ଓ.ଏମ୍.ସି ର ମିଳିତ ଆନୁକୂଲ୍ୟରେ ଅଷ୍ଟମ ବିଜୁ ମାରାଥନ ସକାଳ ୬ଟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୈନିକସ୍କୁଲର ୫୦୦ କ୍ୟାଡ଼େଟ୍, ୨୦୦ ପୂରାତନ ଛାତ୍ର, ସହୋଦୟ ସ୍କୁଲ ଓ ସରକାରୀ ସ୍କୁଲ ମାନଙ୍କରୁ ୪୦୦ ରୁ ଉର୍ଦ୍ଧ ପ୍ରତିଯୋଗୀଙ୍କୁ ମିଶାଇ ସମୁଦାୟ ୧୨୦୦ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତା ରେ ସିନିୟର ବିଭାଗ ୧୦ କିମି ଓ କନିଷ୍ଠ ବିଭାଗର ସମସ୍ତ ପ୍ରତିଯୋଗି ୭ କିମି ପଥ ଅତିକ୍ରମ କରିଥିଲେ।

ଏହି ଗଣ ଦୌଡ଼କୁ କମୋଡ଼ର ମହେଶ ରହଙ୍ଗଡ଼ାଲେ, ଡ଼େପୁଟୀ ଡ଼ାଇରେକ୍‌ଟର ଜେନେରାଲ, ଏନ୍.ସି.ସି, ନାଇରେକ୍ଟୋରେଟ୍, ଓଡ଼ିଶା, କର୍ଣ୍ଣଲ୍ ବାଲୁଭରତ, ପ୍ରିନ୍‌ସିପାଲ, ସୈନିକସ୍କୁଲ ଓ

ମଧୁସୂଦନ ପାଢ଼ି ଆଇ.ଏ.ଏସ୍ (ଅବସର ପ୍ରାପ୍ତ) ପୁରାତନ ଛାତ୍ର ସଂସଦର ସଭାପତି ପତାକା ଦେଖାଇ ମାରାଥନ ଦୌଡ଼ର ଶୁଭ ଉଦ୍‌ଘାଟନ କରିଥିଲେ। ଏହାଛଡ଼ା କମାଣ୍ଡର୍ ଦିନେଶ ସ୍ୱାଇଁ, ଓ.ବି.ଏ. ସଂପାଦକ, ଲେ.କର୍ଣ୍ଣଲ୍ ଅମିତ ତିୱାରୀ, କମାଣ୍ଡର ମନୋରମା ପୋଖେରିୟା,ଓ.ଏମ୍.ସି ର ବରିଷ୍ଠ ଅଫିସର ଗଣ, ପୂରାତନ ଛାତ୍ର ଅମିତାଭ ସ୍ୱାଇଁ, ସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀଗଣ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ସୈନିକସ୍କୁଲ୍‌ର ସିନିୟର ମାଷ୍ଟର ବିଘ୍ନେଶ୍ୱର ପ୍ରଧାନ ଓ ଏ.କେ. ମୁଖାର୍ଜୀ ଏହି ଦୌଡ଼ର ପରିଚାଳନା କରିଥିଲେ। ଉକ୍ତ ଦୌଡ଼ର ସିନିୟର ବିଭାଗରେ ବି. ପ୍ରସାଦ ଦୋରାବିଜେତା ହେବାବେଳେ ଅଭିଶେଷ କୁମାର ଉପବିଜେତା ହୋଇଥିଲେ। କନିଷ୍ଠ ବିଭାଗରେ ମାଷ୍ଟର ବିକାଶ ବିଜେତା ଓ ଶିବମ୍ ଯାଦବ ଉପବିଜେତା ହୋଇଥିଲେ। ପୂରାତନ ଛାତ୍ରଙ୍କ ମଧ୍ୟରୁ ରଞ୍ଜିତ ସାହାଣୀ ବିଜୟୀ ହୋଇଥିବା ବେଳେ ବାଳିକା ବିଭାଗରେ ଆକାଂକ୍ଷା ପ୍ରିୟା ବିଜୟିନୀ ହୋଇଥିଲେ। ଶେଷରେ ମୁଖ୍ୟ ଅତିଥି ବିଜେତା ମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ ମୁଖ୍ୟ ଅତିଥି ଉକ୍ତ ମାରାଥନ ର ଉଦ୍ଦେଶ୍ୟକୁ ପ୍ରତିପାଦନ କରିବାକୁଯାଇ ଆମ ରାଜଧାନୀକୁ ସ୍ୱଚ୍ଛ, ସୁନ୍ଦର, ସବୁଜ ଓ ପ୍ରଦୂଷଣ ମୁକ୍ତ ସହର ଗଢ଼ିତୋଳିବାରେ ଛାତ୍ରଛାତ୍ରୀ ମାନଙ୍କର ସହଯୋଗ କାମନା କରିଥିଲେ।

## ୧୯୯୦ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



**ହାଟଡିହି,(ନି.ପ୍ର):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସୁନାଘାଇ ଡ୍ୟାମ ନିକଟରେ ଏକ ମନଲୋଭା ପରିବେଶରେ ଆର.ବି ହାଇସ୍କୁଲ ଷଡ଼ଙ୍ଗର ୧୯୯୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱର ପଟ୍ଟନାୟକଙ୍କ ସଂଯୋଜନାରେ ଦୀର୍ଘ ୩୪ବର୍ଷ ପରେ ଛାତ୍ରଛାତ୍ରୀ ମାନେ ଏକତ୍ରିତ ହୋଇ ପରସ୍ପର ଭିତରେ ଭାବର ଆଦାନପ୍ରଦାନ କରିଥିଲେ। ଏପରିକି ଆଜିର ଦିନରେ ବିଗତ ଦିନର ସ୍ମୃତି କୁ ମନେପକାଇବା ପାଇଁ ବହୁ ଦୁର ଦୁରାନ୍ତରୁ ସାଙ୍ଗମାନେ ଛୁଟି ଆସିଥିଲେ। କିଏ ମୁମ୍ବାଇରୁ ତ ଆଉ କିଏ ପୁନେ ଓ ଆଉ କିଏ ଭୁବନେଶ୍ୱରରୁ ପରିବାର ସହିତ ଆସି ଏକତ୍ରିତ ହୋଇଥିଲେ । ଆଗାମି ଦିନରେ ବିଦ୍ୟାଳୟର ଉନ୍ନତି ମୁଳକ କାର୍ଯ୍ୟ ସହିତ ସମସ୍ତଙ୍କ ସୁଖଦୁଃଖରେ ସାମିଲ ହେବାକୁ ନିଷ୍ପତି ନେଇଥିଲେ। ସବୁ ବନ୍ଧୁ ମାନଙ୍କୁ ନେଇ ଏକ ଟ୍ରଷ୍ଟ ଗଠନ କରିବାକୁ ନିଷ୍ପତି ନେଇ ଏକ ମନରେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। ଏଥିରେ ପ୍ରଫୁଲ କୁମାର ନାୟକ, ଜୟନ୍ତ ମହାରଣା, ଜୟନ୍ତ ବେହେରା, ଦେବେନ୍ଦ୍ର ଜେନା, ପଙ୍କଜ ମହାପାତ୍ର, ଭୀମସେନ ସିଂ, ସରୋଜ ନାୟକ, ମାୟାଧର ରଣା, ରମାକାନ୍ତ ବେହେରା, ପ୍ରଶାନ୍ତ ପାତ୍ର, ତପନ କୁମାର ପଲେଇ, ଜଗନ୍ନାଥ ହାତୀ, ପୟୋଧର ଜେନା, ଅଶୋକ ପଟ୍ଟନାୟକ, ରମାକାନ୍ତ ଦାସ, ପ୍ରଦୀପ କୁମାର ଖଣ୍ଡାୟୀ, ସରୋଜ ସା , ସବିତା ସା, ମିନତୀ ପଣ୍ଡା, ତନ୍ମୟୀ ବେହେରା, ମଞ୍ଜୁଲତା ସେନାପତି, କାମିନିକାଞ୍ଚନ ସାଙ୍କ ସମେତ ୮୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

# ମହାଯୁତିକୁ ସଞ୍ଜୟଙ୍କ ଟାର୍ଗେଟ

**ମୁମ୍ବାଇ,୧୫।୧୨(ଏଜେନ୍ସି):** ମହାଯୁତିକୁ ଶିବସେନାର ଟାର୍ଗେଟ । ମୁଖ୍ୟମନ୍ତ୍ରୀଙ୍କ ପ୍ରୋସେସନ କରିବା ଆଗରୁ ଇଭିଏମର ଶୋଭାଯାତ୍ରା କରନ୍ତୁ । ମୋ ମତରେ ଗୋଟିଏ ଇଭିଏମ ମନ୍ଦିର ତିଆରି କରି ଦିଅନ୍ତୁ । ଭାରତୀୟ ଜନତା ପାର୍ଟି ନେତୃତ୍ୱ ମହାଯୁତି ମେଣ୍ଟକୁ ଟାର୍ଗେଟ କରି କିଛି ଏମିତି କହିଛନ୍ତି ଶିବେସେନା ନେତା ସଞ୍ଜୟ ରାଓ୍ୱତ । ମହାଯୁତିକୁ ନିଶାନା ମାରି ଶିବସେନା ନେତା ତଥା ସାଂସଦ ସଞ୍ଜୟ ରାଓ୍ୱତ କହିଛନ୍ତି, ମହାରାଷ୍ଟ୍ର ସରକାର ପ୍ରଥମ କ୍ୟାବିନେଟ ବୈଠକରେ ସେମାନେ ନାଗପୁର ଆରଏସସ ହେଡକ୍ୱାର୍ଟର ଆଗରେ ଇଭିଏମ ମନ୍ଦିର ତିଆରି କରିବାକୁ ଘୋଷଣା କରନ୍ତୁ । ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କର



ଏକ ପ୍ରୋସେସନ ବଦଳରେ ଇଭିଏମ ପ୍ରୋସେସନ କରାଯାଉ । ଆରଏସଏସ ମୁଖ୍ୟାଳୟ ଆଗରେ ଇଭିଏମ ମନ୍ଦିର ଖୋଲି ଦିଅନ୍ତୁ । ମହାରାଷ୍ଟ୍ର ନୂଆ ସରକାର କ୍ୟାବିନେଟ ସମ୍ପ୍ରସାରଣକୁ ଟାର୍ଗେଟ କରି ଶିବସେନା ନେତା ତଥା ସାଂସଦ ସଞ୍ଜୟ ରାଓ୍ୱତ କହିଛନ୍ତି, ସରକାର ଗଠନ ପାଇଁ ମାସେ ଲାଗିଗଲା । ରାଜ୍ୟରେ ଜଣେ ମୁଖ୍ୟମନ୍ତ୍ରୀ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଅଛନ୍ତି । କାହା ପାଖରେ କେଉଁ ବିଭାଗ ଅଛି ତାହା କାହାକୁ ଜଣାନାହିଁ । ପ୍ରତିଦିନ ରାଜ୍ୟର ପ୍ରତି ଗାଁରେ ହତ୍ୟା, ଦୁଷ୍କର୍ମ ବଢି ଚାଲିଛି । ଏହାର ଉତ୍ତର ଦେଇପାରୁନାହାନ୍ତି ମୁଖ୍ୟମନ୍ତ୍ରୀ । ଜନତା ମରୁଛନ୍ତି କାହା ପାଖରେ ଏହା ଉତ୍ତର ନାହିଁ । ରାଜ୍ୟରେ ଅରାଜକତା ବ୍ୟାପିଛି ।ଇଭିଏମରୁ ତିଆରି ହୋଇଥିବା ସରକାର ପାଖରେ ମୁଣ୍ଡ ନାହିଁ । ସେମାନଙ୍କ ମୁଣ୍ଡରେ କେବଳ ଇଭିଏମ ଅଛି ।

# ‘ଦିଲ୍ଲୀର ଲୋକମାନେ ସୁରକ୍ଷାକୁ ନେଇ ଚିନ୍ତିତ’

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲ ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିକଟକୁ ଏକ ଚିଠି ଲେଖି ଜାତୀୟ ରାଜଧାନୀରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୁରନ୍ତ ଆଲୋଚନା କରିବାକୁ କହିଛନ୍ତି।



ଅପରାଧ ପରିସଂଖ୍ୟାନକୁ ଦର୍ଶାଇ କେଜ୍ରିଓ୍ୱାଲ ଦାବି କରିଛନ୍ତି ଯେ ଦିଲ୍ଲୀ ଧୀରେ ଧୀରେ ଭାରତ ତଥା ବିଦେଶରେ ‘ଅପରାଧର ରାଜଧାନୀ’ ଭାବରେ ପରିଚିତ ହେଉଛି। କେଜ୍ରିଓ୍ୱାଲଙ୍କ ଚିଠିରେ ଆହୁରି ଉଲ୍ଲେଖ କରାଯାଇଛି ଯେ ଭାରତର ୧୯ ଟି ମେଟ୍ରୋ ସହର ମଧ୍ୟରେ ମହିଳାଙ୍କ ବିରୋଧରେ ହୋଇଥିବା ଅପରାଧରେ ଦିଲ୍ଲୀ ଏକ ନମ୍ବର ସ୍ଥାନରେ ରହିଛି, ହତ୍ୟା ମାମଲାରେ ମଧ୍ୟ ଦିଲ୍ଲୀ ଏକ ନମ୍ବର ସ୍ଥାନରେ ରହିଛି। ସ୍କୁଲ, ବିମାନବନ୍ଦର ଏବଂ ମଲରେ ବୋମା ଧମକ ବାରମ୍ବାର ଘଟୁଥିବା ବେଳେ ଅପରାଧର ମାତ୍ରା ୩୫୦ ପ୍ରତିଶତ ବୃଦ୍ଧି ପାଇଛ । ‘ଦିଲ୍ଲୀର ଲୋକମାନେ ସୁରକ୍ଷାକୁ ନେଇ ଚିନ୍ତିତ’ ବୋଲି ଅରବିନ୍ଦ କେଜ୍ରିଓ୍ୱାଲ ତାଙ୍କ ଚିଠିରେ ଅମିତ ଶାହାଙ୍କୁ ଲେଖିଛନ୍ତି। ଯେତେବେଳେ ନିଜ ସ୍କୁଲକୁ ବୋମା ଧମକ ମିଳେ ଏକ ଶିଶୁ କ’ଣ ଦେଇ ଗତି କରୁଥିବା ତାହା କଳ୍ପନା କରନ୍ତୁ । ବାରମ୍ବାର ଶିଶୁମାନଙ୍କୁ ଭୟଭୀତ କରାଯାଉଛି, ସ୍କୁଲରୁ ଘରକୁ ପଠା ଯାଉଛି । ଥରେ ଚିନ୍ତା କରନ୍ତୁ ସେ ଶିଶୁ ଓ ଅଭିଭାବକଙ୍କ ବିଷୟରେ । ସେମାନେ ଏକ ଭୟଭୀତରେ ଦିନ କାଟୁଛନ୍ତି ବୋଲି କେଜ୍ରିଓ୍ୱାଲ୍ ଉଲ୍ଲେଖ କରିଛନ୍ତି ।

# ହସ୍ପିଟାଲରେ ଭର୍ତ୍ତି ହେଲେ ଆଡଭାନୀ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ବିଜେପି ନେତା ଲାଲକୃଷ୍ଣ ଆଡଭାନୀ । ଗତକାଲି ବିଳମ୍ବିତ ରାତିରେ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବା ପରେ ବିଜେପି ନେତା ଲାଲ କୃଷ୍ଣ ଆଡଭାନୀଙ୍କୁ ଦିଲ୍ଲୀର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତ ମାସରେ ସେ ତାଙ୍କର ୯୭ ତମ ଜନ୍ମଦିନ ପାଳନ କରିଥିଲେ। ଆଡଭାନୀ ଗତ କିଛି ମାସ ମଧ୍ୟରେ ବାରମ୍ବାର ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ଗତ ଜୁଲାଇରୁ ନେଇ ଏବେ ସୁଦ୍ଧା ସେ ଚତୁର୍ଥ ଥର ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ସେ ଏହାପୂର୍ବରୁ ଦିଲ୍ଲୀର ଉଭୟ ଆପୋଲୋ ହସ୍ପିଟାଲ ଏବଂ ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ (ଏମ୍ସ) ରେ ଚିକିତ୍ସିତ ହୋଇଥିଲେ । ବିଜେପି ମୁଖପାତ୍ର କେ କୃଷ୍ଣ ସାଗର ରାଓ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରି ଆଡଭାନୀଙ୍କୁ ଆମର ଉଚ୍ଚତମ ନେତା ବୋଲି କହିଛନ୍ତି ରାଓ ଏକ ଏକ୍ସ ପୋଷ୍ଟ କହିଛନ୍ତି, ମୁଁ ଆମର ଉଚ୍ଚତମ ନେତା ଏଲ.କେ ଆଡଭାନୀ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ପ୍ରାର୍ଥନା କରୁଛି ।’’୧୯୨୭ ମସିହା ନଭେମ୍ବର ୮ ତାରିଖରେ କରାଚିରେ ଜନ୍ମଗ୍ରହଣ କରିଥିବା ଆଡଭାନୀ ୧୯୪୨ ମସିହାରେ ରାଷ୍ଟ୍ରିୟ ସ୍ୱୟମ୍ ସେବକ ସଂଘରେ ଯୋଗ ଦେଇଥିଲେ। ସେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାରରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଗୃହମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ଏବଂ ପରେ ୧୯୯୯ ରୁ ୨୦୦୪ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଚଳିତବର୍ଷ ମାର୍ଚ୍ଚ ମାସରେ ଆଡଭାନୀଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କରିଥିଲେ ।

# ଚୀନ ଓ ପାକିସ୍ତାନରୁ ଲଢୁଆ ବିମାନ କିଣିବ ବାଂଲାଦେଶ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ବାଂଲାଦେଶ ନିଜର ବାୟୁସେନାକୁ ଶକ୍ତିଶାଳୀ ଏବଂ ଆଧୁନିକ କରିବାକୁ ଚେଷ୍ଟା କରୁଛି । ଏଥିପାଇଁ ଚୀନରୁ ଲଢୁଆ ବିମାନ କିଣିବା ପାଇଁ ବଂଲାଦେଶ ସରକାର ବିଚାର କରୁଛନ୍ତି । ଏହା ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ । ବାଂଲାଦେଶ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ହାସନ ମହମ୍ମଦ ଖାଁ କହିଛନ୍ତି ଯେ ଆମେ ଲଢୁଆ ବିମାନ ଏବଂ ଆଟାକ୍ ହେଲିକପ୍ଟର କିଣିବା ପାଇଁ ସମସ୍ତ ସମ୍ଭବ ପ୍ରୟାସ କରୁଛୁ। ରିପୋର୍ଟ ଅନୁଯାୟୀ, ବାଂଲାଦେଶ ଚୀନର ଚେଙ୍ଗଡୁ ଜେ-୧୦ସି ମଲ୍ଟିରୋଲ ଲଢୁଆ ବିମାନ କିଣିପାରେ । ପ୍ରଥମ ପର୍ଯ୍ୟାୟରେ ୧୬ଟି ଜେ-୧୦ସି ଲଢୁଆ ବିମାନ କିଣିବାକୁ ଯୋଜନା କରିଛି ଢାକା ।



ସେପଟେ ବାଂଲାଦେଶରେ ସଂଖ୍ୟାଲଘୁ, ବିଶେଷ କରି ହିନ୍ଦୁଙ୍କ ପ୍ରତି ଭେଦଭାବ ଓ ହିଂସା ଘଟଣା ଜାରି ରହିଛି। ଶେଖ୍ ହସିନା ଦେଶ ଛାଡିବା ପରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାର ଦେଶରେ ସ୍ଥିତିରେ ସୁଧାର ଆଣିବ ବୋଲି ଆଶା କରାଯାଉଥିଲା, କିନ୍ତୁ ତାହା ହୋଇନଥିଲା । ସଂଖ୍ୟାଲଘୁ ବିଶେଷ କରି ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି । ଅନେକ ମନ୍ଦିରକୁ ମଧ୍ୟ ଟାର୍ଗେଟ କରାଯାଇଛି, ଯାହା ପରେ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା।

# ୧୮ ହଜାର ଭାରତୀୟଙ୍କୁ ଆମେରିକାରୁ ନିର୍ବାସନ ହେବାର ଭୟ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପର୍ଯ୍ୟନ୍ତ କାର୍ଯ୍ୟଭାର ଗ୍ରହଣ କରିନାହାଁନ୍ତି, ତଥାପି ତାଙ୍କ ପ୍ରଶାସନ ପ୍ରବାସୀ ଭାରତୀୟଙ୍କ ଉପରେ କଡ଼ା ନିୟମ ଲାଗୁ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଚଳାଇଛି । ଆମେରିକାରେ ରହୁଥିବା ପ୍ରାୟ ୧୮ ହଜାର ଭାରତୀୟଙ୍କୁ ଏହି ପଦକ୍ଷେପର ସାମ୍ନା କରିବାକୁ ପଡ଼ିପାରେ । ଆମେରିକାର ଆଇସିଇ (ଇମିଗ୍ରେସନ୍ ଆଣ୍ଡ କଷ୍ଟମ୍ସ ଏନଫୋର୍ସମେଣ୍ଟ) ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ଯେ ଆମେରିକାରୁ ନିର୍ବାସିତ ହେବାକୁ ଥିବା ୧.୪୫ ମିଲିୟନ ଲୋକଙ୍କ ମଧ୍ୟରେ ପ୍ରାୟ ୧୮ ହଜାର ଭାରତୀୟ ରହିଛନ୍ତି । ଆଇସିଇ କହିଛି ଯେ ଅଣ-ଦସ୍ତାବିଜିତ ପ୍ରବାସୀମାନଙ୍କୁ ଦେଶାନ୍ତର କରିବା ଟ୍ରମ୍ପଙ୍କ ସୀମା ସୁରକ୍ଷା ଏଜେଣ୍ଡାରେ ମୁଖ୍ୟ ମୁଦ୍ଦା ଅଟେ । ସେ ତାଙ୍କ ନିର୍ବାଚନ ପ୍ରଚାରରେ ବାରମ୍ବାର ପ୍ରବାସୀ ପ୍ରସଙ୍ଗ ଉଠାଇଥିଲେ । ନଭେମ୍ବର ୨୦୨୪ ରେ ପ୍ରକାଶିତ ଆଇସିଇ ତଥ୍ୟ ଅନୁଯାୟୀ, ୧୭,୯୪୦ ଭାରତୀୟଙ୍କୁ ଏଜେନ୍ସିର ଅଣ-ବନ୍ଦୀ ତାଲିକାରେ ତାଲିକାଭୁକ୍ତ କରାଯାଇଛି । ଏଥିରେ ନିଷ୍କାସନର ଅନ୍ତିମ ନିର୍ଦ୍ଦେଶ ଥିବା ବ୍ୟକ୍ତି ଅନ୍ତର୍ଭୁକ୍ତ, ଯେଉଁମାନେ ଆଇସିଇ ହେପାଜତରେ ନାହାଁନ୍ତି କିନ୍ତୁ ଏକ ନିର୍ବାସନ ଆଦେଶକୁ ଅପେକ୍ଷା କରିଛନ୍ତି । ଅନେକ ଭାରତୀୟ କାଗଜପତ୍ରର ଲମ୍ବା ପ୍ରକ୍ରିୟାରେ ନିଜକୁ ଫସିରହିଥିବା ଦେଖିପାରୁଛନ୍ତି । କେତେକଙ୍କ ପାଇଁ ଏହିକାମ ତିନି ବର୍ଷ ପର୍ଯ୍ୟନ୍ତ ଲାଗିଛି ଟ୍ରମ୍ପଙ୍କ ଫେରିବା ପରେ ଆମେରିକାରେ ରୋଜଗାର ଏବଂ ପାଠପା ପାଇଁ ଯୋଜନା କରୁଥିବା ଲୋକମାନେ ଏବେ ସ୍ୱଦେଶ ନିର୍ବାସନକୁ ନେଇ ଚିନ୍ତା କରିବା ଆରମ୍ଭ କରିଛନ୍ତି।

# ଆସନ ହରାଇ ପାରନ୍ତି ଦକ୍ଷିଣ କୋରିଆ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଦକ୍ଷିଣ କୋରିଆର ଆଇନଜୀବୀ ଶନିବାର ରାଷ୍ଟ୍ରପତି ୟୋନ୍ ସୁକ୍ ୟୋଲଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଗତ ସପ୍ତାହରେ ରାଷ୍ଟ୍ରପତି ସାମରିକ ଆଇନ ଲାଗୁ କରିବାକୁ ଚେଷ୍ଟା କରିବାରେ ବିଫଳ ହେବା ପରେ ଏହି ମହାଅଭିଯୋଗ ପ୍ରସ୍ତାବକୁ ଲାଗୁ କରାଯାଇଥିଲା। ୩୪୦ ସାଂସଦଙ୍କ ମଧ୍ୟରୁ ୨୦୪ ଜଣ ରାଷ୍ଟ୍ରପତିଙ୍କ ବିରୋଧରେ ମହାଅଭିଯୋଗ ପକ୍ଷରେ ଭୋଟେ ଦେଇଥିଲେ। ଅନ୍ୟ ୮୫ ଜଣ ଏହାକୁ ବିରୋଧ କରିଥିଲେ । ୩ ଜଣ ସାଂସଦ ଏଥିରୁ ନିବୃତ୍ତ ରହିଥିଲେ । ଏହି ଅବଧିରେ ୮ଟି ଭୋଟ୍ ଅମାନ୍ୟ ଘୋଷଣା କରାଯାଇଥିଲା । ମହାଅଭିଯୋଗ ଆରୋପରେ ରାଷ୍ଟ୍ରପତିଙ୍କ ବିରୋଧରେ ବିଦ୍ରୋହ ଓ ସାମ୍ବିଧାନିକ କର୍ତ୍ତବ୍ୟ ଉଲଙ୍ଘନର ଅଭିଯୋଗ ହୋଇଛି । ଏହି ଘଟଣା ପରେ ଦକ୍ଷିଣ କୋରିଆ ରାଜନୀତିରେ ଉତ୍ତେଜନା ସୃଷ୍ଟି କରିଛି । ରାଷ୍ଟ୍ରପତି ୟୋନ୍ ସୁକ୍ ୟୋଲଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବ ତାଙ୍କ ପ୍ରଶାସନର କ୍ଷମତାର ଅପବ୍ୟବହାର ତଥା ନାଗରିକ ସ୍ୱାଧୀନତାର ଉଲଙ୍ଘନକୁ ନେଇ ପ୍ରଶ୍ନ ଉଠିଛି । ମାର୍ଶଲ ଲାଗୁ ହେବା ପରେ ବିରୋଧୀ ଦଳଙ୍କୁ କଡ଼ା ବିରୋଧର ସାମନା କରିବାକୁ ପଡ଼ିଥିଲା । ବିରୋଧୀ ଦଳଙ୍କ କହିବାନୁସାରେ, ଏପରି ପରିସ୍ଥିତିରେ ଦେଶରେ ଏକଛତ୍ରବାଦ ଶାସନ ଉପୁଜିପାରେ । ତେବେ ବର୍ତ୍ତମାନ ଏହି ମାମଲା କୋର୍ଟକୁ ଯିବା ପରେ ଏହି ମହାଅଭିଯୋଗ ପ୍ରସ୍ତାବର ଶେଷ ନିଷ୍ପତ୍ତି ନିଆଯିବ । ଯାହା ପରେ ଦକ୍ଷିଣ କୋରିଆ ରାଜନୀତି ଏକ ନୂଆମୋଡ଼ ନେବ ବୋଲି ଅନୁମାନ କରାଯାଉଛି ।



# ଦଳାଚକଟା ଘଟଣାରେ ମୃତ୍ୟୁ ସହ ସଂଗ୍ରାମ କରୁଛି ବାଳକ

ନୂଆଦିଲ୍ଲୀ,୧୫।୧୨(ଏଜେନସି): ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ’ପୁଷ୍ପା ୨’ର ପ୍ରିମିୟରରେ ହୋଇଥିବା ଦଳାଚକଟା ଘଟଣାରେ ମୃତ୍ୟୁ ସହ ସଂଗ୍ରାମ କରୁଛି ବାଳକ। ଏଥିସହିତ ସେ ଡାକ୍ତରଖାନାର ସ୍ୱତନ୍ତ୍ର ଟିମ୍ ତାଙ୍କ ଉପରେ ନଜର ରଖିଛନ୍ତି। ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଛି। ପିଲାଟିର ନାମ ତେଜା ତାଙ୍କର ସମୟ ସମୟରେ ଜ୍ୱର ଆସୁଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଡିସେମ୍ବର ୧୪ରେ ଡାକ୍ତରଖାନା ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ପିଲାଟି ବର୍ତ୍ତମାନ ରେ ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି। ତାଙ୍କୁ ଏକ ଟ୍ୟୁବ୍ ମାଧ୍ୟମରେ ଖାଇବାକୁ ଦିଆଯାଉଛି।ସେ ସମୟ ସମୟରେ ତାଙ୍କ ଜ୍ୱର ଆସୁଛି ।

ଉଭୟ ଅଲ୍ଲୁ ଅର୍ଜୁନ ଏବଂ ’ପୁଷ୍ପା-୨’ ନିର୍ଦ୍ଦେଶକ ସୁକୁମାର ପୀଡିତାଙ୍କ ପରିବାରକୁ କ୍ଷମା ମାଗିଛନ୍ତି। ପୀଡିତାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ଅର୍ଜୁନ ୨୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସବୁବେଳେ ସାହାଯ୍ୟ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହି ମାମଲାରେ ଅଲୁ ଅର୍ଜୁନ ମଧ୍ୟ ଡିସେମ୍ବର ୧୩ରେ ଜେଲ ଯାଇଥିଲେ ପ୍ରାୟ ୧୨ ଘଣ୍ଟା ରହିବା ପରେ ତାଙ୍କୁ କୋର୍ଟ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଥିଲେ ଏବଂ ପରେ ତାଙ୍କୁ ମୁକ୍ତ କରାଯାଇଥିଲା।

# ଦିଲ୍ଲୀ ନିର୍ବାଚନ ପାଇଁ ଆପ୍ ପ୍ରସ୍ତୁତ : କେଜ୍ରିଓ୍ୱାଲ୍

ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଚତୁର୍ଥ ପର୍ଯ୍ୟାୟ ତଥା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଶାସକ ଦଳ ଆମ ଆଦ୍‌ମୀ ପାର୍ଟି ରବିବାର(ଡିସେମ୍ବର ୧୫) ଦଳ ଜାରି କରିଥିବା ତାଲିକା ଅନୁସାରେ, ଆପ୍ ସୁପ୍ରିମୋ ଅରବିନ୍ଦ କେଜରିାଲ୍ ନୂଆଦିଲ୍ଲୀ ଆସନରୁ ନିର୍ବାଚନ ଲଢ଼ିବେ। ମୁଖ୍ୟମନ୍ତ୍ରୀ ଅତୀଶ

## ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଜାରି

ମାର୍ଲେନା ପୁଣି ଥରେ କାଲକାଜୀ ଆସନରୁ ନିର୍ବାଚନ ଲଢ଼ିବେ। ସେହିଭଳି ଆପ୍‌ର ଟାଣୁଆ। ନେତା ସୌରଭ ଭରଦ୍ୱାଜ ଗ୍ରେଟର କୈଳାଶରୁ ଲଢ଼େଇ କରିବେ।

ଏଥର କସ୍ତୁରବା ନଗରରୁ ପ୍ରାର୍ଥୀ ବଦଳାଇଛି ଆମ ଆଦମୀ ପାର୍ଟି ବିଧାୟକ ମଦନ ଲାଲଙ୍କ ବଦଳରେ ଏହି ଆସନରୁ ରମେଶ ପେହଲାନ ନିର୍ବାଚନ ଲଢ଼ିବେ। ବିଜେପି ଛାଡିବା ପରେ ରମେଶ ପେହଲାନ ଏବଂ ତାଙ୍କ ପତ୍ନୀ, କାଉନସିଲର କୁସୁମ ଲତା ଆଜି ସକାଳେ ଆପରେ ଯୋଗ ଦେଇଥିଲେ ଯୋଗ ଦେବ ମାତ୍ରେ ଦଳ ତାଙ୍କୁ ଉପହାର ଦେଇଛି। ସେହିପରି



ଅନ୍ୟମାନଙ୍କ ମଧ୍ୟରୁ ବାବରପୁରରୁ ଗୋପାଳ ରାୟ, ଓଖଲାରୁ ଅମାନତୁଲ୍ଲା ଖାନ ଏବଂ ଶାକୁର ବସ୍ତିରୁ ସତ୍ୟେନ୍ଦ୍ର କୁମାର ଜୈନ ନିର୍ବାଚନ ଲଢ଼ିବେ।

ତେବେ ଏଥର ଦିଲ୍ଲୀରେ ଆପ୍ ପାଇଁ ଭାଇ ହେବ ଭଗାରୀ। ମାନେ ଇଣ୍ଡିଆ ମେଣ୍ଟ ଏଠି ଅଲଗା ନିର୍ବାଚନ ଲଢ଼ିବ। କେଜରିଓ୍ୱାଲ୍‌ଙ୍କ ବିରୋଧରେ କଂଗ୍ରେସ କଡ଼ା ଫାଇଟ କରିବ। ଏଥିପାଇଁ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିଳା ଦିକ୍ଷିତଙ୍କ ପୁଅ ସନ୍ଦୀପ ଦିକ୍ଷିତଙ୍କୁ କଂଗ୍ରେସ ନୂଆ ଦିଲ୍ଲୀରୁ ପ୍ରାର୍ଥୀ କରିଛି। କେଜରିଓ୍ୱାଲ୍‌ଙ୍କ ସହ ସନ୍ଦୀପଙ୍କ ଫାଇଟ ଖୁବ୍ ରୋଚକ ହେବ।

ଦିଲ୍ଲୀରେ ୩ ଥର ମୁଖ୍ୟମନ୍ତ୍ରୀ ରହି ସାରିଥିବା ଶିଳା ଦିକ୍ଷିତ। ୨୦୧୩ ଓ ୨୦୧୫ରେ ଅରବିନ୍ଦ କେଜରିଓ୍ୱାଲ୍‌ଙ୍କ ଠାରୁ ପରାସ୍ତ ହୋଇଥିଲେ। ତେଣୁ ସନ୍ଦୀପଙ୍କ ପାଇଁ ଏବେ ବାଜି ପଲଟେଇବାର ପାଳି ଆସିଛି।

୨୦୨୫ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି ଏକ ବଡ଼ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ବିଧାୟକ ଥିବା ୨୦ ଜଣ ନେତାଙ୍କ ଟିକେଟ କାଟିଛି। ଦଳ ଏମାନଙ୍କ ମଧ୍ୟରୁ ୩ ଜଣ ବିଧାୟକଙ୍କ ଟିକେଟ କାଟି ସେମାନଙ୍କ ପୁଅ ଓ ପତ୍ନୀଙ୍କୁ ଟିକେଟ୍ ଦିଆଯାଇଛି। ଯଥା ବିଧାୟକ ଏସ୍‌କେ ବଗଗାଙ୍କ ପୁଅ ବିକାଶ ବଗ୍ଗାଙ୍କୁ କୃଷ୍ଣ ନଗରରୁ ଟିକେଟ୍ ଦିଆଯାଇଛି ପ୍ରହ୍ଲାଦ ଶାହଣୀଙ୍କ ପୁଅ ପୁରଣ ଦୀପ ଶାହଣୀ ଚାନ୍ଦନୀ ଚୌକ୍ ଏବଂ ନରେଶ ବଲ୍ୟାନ୍‌ଙ୍କ ପତ୍ନୀ ପୂଜା ବଲ୍ୟାନଙ୍କୁ ଉତ୍ତମ ନଗରରୁ ଟିକେଟ୍ ଦିଆଯାଇଛି।

ଆପ୍‌ର ପ୍ରଥମ ପ୍ରାର୍ଥୀ ତାଲିକାରେ, ୧୧ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୬ ଜଣ ବିଜେପି ଏବଂ କଂଗ୍ରେସ(ପ୍ରତ୍ୟେକ ଦଳର ୩ ଜଣ)ରେ ଯୋଗ ଦେଇଥିଲେ ଦ୍ୱିତୀୟ ତାଲିକାରେ, ଦଳ ୧୫ ଜଣ ବିଧାୟକଙ୍କୁ ବାଦ୍ ଦେଇ ସେମାନଙ୍କ ସ୍ଥାନରେ ଦଳୀୟ ସଂଗଠନ ମଧ୍ୟରେ ସକ୍ରିୟ ଭାବରେ କାର୍ଯ୍ୟ କରୁଥିବା ନେତାମାନଙ୍କୁ ଟିକେଟ ଦିଆଯାଇଥିଲା।

ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବା ପରେ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ୍। ସେ ଲେଖିଛନ୍ତି ଆଜି, ଆମ ଆଦମୀ ପାର୍ଟି ସମସ୍ତ ୭୦ ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଦଳ ପୂର୍ଣ୍ଣ ଆତ୍ମବିଶ୍ୱାସ ଏବଂ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହିତ ନିର୍ବାଚନ ଲଢୁଛି। ବିଜେପି କୌଣସି ସ୍ଥାନରେ ଦେଖାଯାଉନାହିଁ। ସେମାନଙ୍କର କୌଣସି ମୁଖ୍ୟମନ୍ତ୍ରୀ ଚେହେରା ନାହିଁ, କୌଣସି ଦଳ ନାହିଁ, କୌଣସି ଯୋଜନା ନାହିଁ, ଏବଂ ଦିଲ୍ଲୀ ପାଇଁ କୌଣସି ଦୃଷ୍ଟିକୋଣ ନାହିଁ ସେମାନଙ୍କର କେବଳ ଗୋଟିଏ ସ୍ଲୋଗାନ, ଗୋଟିଏ ନୀତି ଏବଂ ଗୋଟିଏ ମିଶନ ଅଛି – ’କେଜରିଓ୍ୱାଲ ହଟାଅ’ ଆହୁରି ବିଜେପିକୁ ସମାଲୋଚନା କରିଛନ୍ତି କେଜରିଓ୍ୱାଲ୍। ଜାନୁଆରୀ ୨୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ରହିଛି।

# ସମ୍ଭଲ ଶିବ ମନ୍ଦିରରେ ପୂଜା କଲେ ଜିଲ୍ଲାପାଳ, ଏସପି

ସମ୍ଭଲ: ୪୬ ବର୍ଷ ପରେ ୟୁପିର ସମ୍ଭଲରେ ଖୋଲିଛି ଶିବ ମନ୍ଦିରର କବାଟ ।ଏଭଳି ପରିସ୍ଥିତିରେ ଏଠାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି ଏବଂ ସମସ୍ତେ ମହାଦେବଙ୍କ ଦର୍ଶନ କରିବାକୁ ଚାହୁଁଛନ୍ତି ଆଜି ଜିଲ୍ଲାର ଡିଏମ୍ ଓ ଏସ୍ ପି ମଧ୍ୟ ମନ୍ଦିର ଭିତରେ ପୂଜାର୍ଚ୍ଚନାରେ ଯୋଗ ଦେଇଥିଲେ। ଏହାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ଡିଏମ ଓ ଏସପି ପୂଜା କରୁଥିବା ଦେଖିବାକୁ ମିଳିଛି।



ସମ୍ଭାଲର ନଖାସା ଥାନା ଅନ୍ତର୍ଗତ ମୋହଲ୍ଲା ଖଗ୍ଗୁ ସରାଇରେ ଥିବା ଶିବ ମନ୍ଦିରର କବାଟ ଖୋଲାଯାଇଛି। ମୂର୍ତ୍ତିର କବାଟ ଖୋଲିବା ପରେ ପୁଲିସ ନିଜେ ଏହାକୁ ସଫା କରିଥିଲେ। ଏହି ସମୟରେ ହର-ହର ମହାଦେବ ଧ୍ୱନିରେ ପୂରା ଆକାଶ ଗୁଞ୍ଜି ଉଠିଥିଲା। ସମାଜବାଦୀ ପାର୍ଟି ସାଂସଦ ଜିଆଉର ରେହମାନ ବାର୍କଙ୍କ ବାସଭବନଠାରୁ ଅଳ୍ପ ଦୂରରେ ଏହି ମନ୍ଦିର ଅବସ୍ଥିତ। ସମ୍ଭାଲର ନଖାସା ଥାନା ଅନ୍ତର୍ଗତ ମୋହଲ୍ଲା ଖଗ୍ଗୁ ସରାଇରେ ଥିବା ଶିବ ମନ୍ଦିରର କବାଟ ଖୋଲାଯାଇଛି। ମୂର୍ତ୍ତିର କବାଟ ଖୋଲିବା ପରେ ପୁଲିସ ନିଜେ ଏହାକୁ ସଫା କରିଥିଲେ ଏହି ସମୟରେ ହର-ହର ମହାଦେବ ଧ୍ୱନିରେ ପୂରା ଆକାଶ ଗୁଞ୍ଜି ଉଠିଥିଲା ସମାଜବାଦୀ ପାର୍ଟି ସାଂସଦ ଜିଆଉର ରେହମାନ ବାର୍କଙ୍କ ବାସଭବନଠାରୁ ଅଳ୍ପ ଦୂରରେ ଏହି ମନ୍ଦିର ଅବସ୍ଥିତ। ଶ୍ରଦ୍ଧାଳୁମାନେ ହନୁମାନଜୀଙ୍କ ମୂର୍ତ୍ତିକୁ ବସ୍ତ୍ର ମଧ୍ୟ ଅର୍ପଣ କରିଥିଲେ ମନ୍ଦିର କାନ୍ଥ ଚାରିପଟେ ଥିବା ଜବରଦଖଲକୁ ହଟାଇ ସମ୍ପୂର୍ଣ୍ଣ ସଫା କରାଯାଇଛି ଏବଂ ବର୍ତ୍ତମାନ ମନ୍ଦିର ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି।

ନିକଟରେ ସମ୍ଭାଲ ପ୍ରଶାସନ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪୬ ବର୍ଷ ପରେ ହୋଇଥିବା ଶିବ ମନ୍ଦିରର କବାଟ ଖୋଲିଛି। ଏହି ମନ୍ଦିର ସେହି ଅଞ୍ଚଳରେ ଅଛି ଯେଉଁଠାରେ ନିକଟରେ ହିଂସା କାଣ୍ଡ ଘଟିଥିଲା ଏବଂ ଦୀର୍ଘ ସମୟ ଧରି କର୍ଫ୍ୟୁ ରହିଥିଲା। ମନ୍ଦିରର କବାଟ ଖୋଲିବା ପରେ ପୁଲିସ ନିଜେ ଶିବଲିଙ୍ଗ ଓ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ସଫା କରିଥିଲେ। ନଗର ହିନ୍ଦୁ ସଭାର ପୃଷ୍ଠପୋଷକ ବିଷ୍ଣୁ ଶରଣ ରସ୍ତୋଗି ଦାବି କରିଛନ୍ତି ଯେ ୧୯୭୮ ପରେ ମନ୍ଦିର ଖୋଲିଛି ।

# ସିରିଆରୁ ଉଦ୍ଧାର ହେଲେ ୭୫ ଭାରତୀୟ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଅଶାନ୍ତ ସିରିଆରୁ ଉଦ୍ଧାର ହେଲେ ୭୫ ଭାରତୀୟ । ଲେବାନନ ରାସ୍ତା ଦେଇ ଏମାନେ ସମସ୍ତେ ଭାରତ ଫେରୁଛନ୍ତି । ବିଦେଶ ମନ୍ତ୍ରାଳୟ ପକ୍ଷରୁ ଜାରି ବୟାନରେ କୁହାଯାଇଛି ସିରିଆରେ ଜଟିଳ ସ୍ଥିତିକୁ ନଜରରେ ରଖି ସେଠାରୁ ୭୫ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ଭାରତୀୟମାନେ ସୁରକ୍ଷିତ ଭାବେ ଲେବାନନରେ ପହଞ୍ଚି ସାରିଛନ୍ତି। ସେଠାରୁ ସମସ୍ତେ ବିମାନରେ ଭାରତ ଆସିବେ । ସରକାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ସିରିଆରେ ଥିବା ବାକି ଭାରତୀୟମାନେ ଭାରତୀୟ ଦୂତାବାସ ସହ ସଂପର୍କରେ ରହିବା ଲାଗି ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ରବିବାର ସିରିଆ ରାଜଧାନୀ ଡାମାସକସକୁ ନିଜ ଦଖଲକୁ ନେଇଥିଲେ ବିଦ୍ରୋହୀ ସେନା। ଏଥିସହ ସିରିଆରେ ବସର-ଅଲ-ଅସଦଙ୍କ ୨୪ ବର୍ଷର ଏକଛତ୍ରବାଦ ଶାସନର ଅନ୍ତ ଘଟିଥିଲା । ରାଜଧାନୀକୁ ବିଦ୍ରୋହୀ କବଜା କରିବା ପରେ ସିରିଆ ରାଷ୍ଟ୍ରପତି ବସର-ଅଲ-ଅସଦ ଦେଶ ଛାଡ଼ି ଚାଲିଯାଇଛନ୍ତି ।

# ହିନ୍ଦୁଙ୍କ ବିରୋଧରେ ହିଂସାକୁ ସ୍ୱୀକାର କଲା ବାଂଲାଦେଶ

**ଢାକା,୧୫।୧୨(ଏଜେନ୍ସି):** ବାଂଲାଦେଶ ମଙ୍ଗଳବାର ସ୍ୱୀକାର କରିଛି ଯେ, ଅଗଷ୍ଟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ବହିଷ୍କାର କରିବା ପରେ ସଂଖ୍ୟାଲଘୁ ସମ୍ପ୍ରଦାୟ, ମୁଖ୍ୟତଃ ହିନ୍ଦୁଙ୍କ ଉପରେ ୮୮ଟି ସାମ୍ପ୍ରଦାୟିକ ହିଂସା ଘଟିଛି । ମଧ୍ୟବର୍ତ୍ତୀକାଳୀନ ସରକାରୀ ମୁଖ୍ୟ ମହମ୍ମଦ ୟୁନୁସଙ୍କ ପ୍ରେସ ସଚିବ ଶାଫିକୁଲ ଆଲାମ କହିଛନ୍ତି ଯେ, ଏହି ଘଟଣାରେ ୭୦ଜଣଙ୍କୁ ଗିରଫ କରାଯାଇଛି । ସେ କହିଛନ୍ତି, ଉତ୍ତର-ପୂର୍ବ ସୁନାମଗଞ୍ଜ, ମଧ୍ୟ ଗାଜୀପୁର ଏବଂ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ହିଂସା ଘଟଣାର ନୂଆ ମାମଲା ରୁଜୁ ହୋଇଥିବାରୁ ମାମଲା ଏବଂ ଗିରଫଦାରୀ ବୃଦ୍ଧି ହେବାର ସମ୍ଭାବନା ରହିଛି । ସେ କହିଛନ୍ତି ଯେ, ଏପରି କିଛି ଘଟଣା ମଧ୍ୟ ଘଟିଛି ଯେଉଁଠାରେ କିଛି ପୀଡିତ ବ୍ୟକ୍ତି ପୂର୍ବ ଶାସକ ଦଳର ସଦସ୍ୟ ରହିଥିଲେ । ଏହା ପୂର୍ବରୁ ବାଂଲାଦେଶ ସରକାର କହୁଥିଲେ ଯେ, କିଛି ଘଟଣାକୁ ଛାଡି ଦେଲେ ହିନ୍ଦୁମାନଙ୍କ ଉପରେ ସେମାନଙ୍କ ବିଶ୍ୱାସ ଭାବନା ଆଧାରରେ ଆକ୍ରମଣ କରାଯାଇ ନାହିଁ । ମାତ୍ର ଏବେ ଆଲାମ କହିଛନ୍ତି ଅକ୍ଟୋବର ୨୨ପରେ ଘଟିଥିବା ଘଟଣାର ବିବରଣୀ ଶୀଘ୍ର ସେୟାର କରାଯିବ । ଗତ କିଛି ସପ୍ତାହ ମଧ୍ୟରେ ବାଂଲାଦେଶରେ ହିନ୍ଦୁ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ପ୍ରତି ହିଂସା ଘଟଣା ବୃଦ୍ଧି ପାଇଛି । ମନ୍ଦିର ଉପରେ ମଧ୍ୟ ଆକ୍ରମଣ ହୋଇଛି । ବିଶେଷ କରି ହିନ୍ଦୁ ସାଧୁ ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରାଯାଇଛି । ଭାରତ ସମେତ ଅନେକ ଦେଶ ପକ୍ଷରୁ ବାରମ୍ବାର ହିନ୍ଦୁମାନଙ୍କୁ ଟାର୍ଗେଟ କରିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ।୧୭ କୋଟି ଜନସଂଖ୍ୟାରେ ବାଂଲାଦେଶର ଜନସଂଖ୍ୟାର ପ୍ରାୟ ଆଠ ପ୍ରତିଶତ ହିନ୍ଦୁ ଅଟନ୍ତି । ବାଂଲାଦେଶର ୫୦ ରୁ ଅଧିକ ଜିଲ୍ଲାରେ ହିନ୍ଦୁଙ୍କ ଉପରେ ୨୦୦ ରୁ ଅଧିକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଶେଖ ହସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ସରକାର ଅଗଷ୍ଟ ୫ରେ ବହିଷ୍କୃତ ହେବା ପରଠାରୁ ଏହା ଘଟିଛି । ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇ ଯାଇଛି । ଅଗଷ୍ଟରେ ସରକାର ବିରୋଧୀ ବିରୋଧ ଯୋଗୁ ଶେଖ ହସିନା ଦେଶ ଛାଡିବାକୁ ବାଧ୍ୟ ହୋଇଥିଲେ, ଏହା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇପଡିଥିଲା । ହସିନା ଭାରତରେ ଆଶ୍ରୟ ନେବାର କିଛି ଦିନ ପରେ ୟୁନୁସ କ୍ଷମତାକୁ ଆସିଥିଲେ। ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଏବଂ ହିନ୍ଦୁ ସାଧୁ ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫ ପରେ ଗତ ସପ୍ତାହରେ ସମ୍ପର୍କ ଅଧିକ ବିଗିଡି ହୋଇଯାଇଥିଲା ।

# ନିଲାମ ହେବ ଚୋକ୍ସିଙ୍କ ୨୫୬୫ କୋଟିର ସମ୍ପତ୍ତି

**ମୁମ୍ବାଇ,୧୫।୧୨(ଏଜେନ୍ସି):** ନିଜ ଭଣଜା ନିରବ ମୋଦୀଙ୍କ ସହ ମିଶି ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ରେ ୧୪ ହଜାର କୋଟି ଟଙ୍କା ଠକେଇ କରି ଭାରତ ଛାଡ଼ି ପଳାୟନ କରିଥିବା ହୀରା ବ୍ୟବସାୟୀ ମେହୁଲ୍ ଚୋକ୍ସିଙ୍କ ଭାରତରେ ଥିବା ୨୫୬୫.୯ କୋଟି ଟଙ୍କାର ସମ୍ପତ୍ତି ନିଲାମ ହେବ । ୨୦୧୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ସମ୍ପତ୍ତିଗୁଡ଼ିକୁ ଜବତ କରିଥିଲା । ସେଗୁଡ଼ିକୁ ନିଲାମ କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜବତ ହୋଇଥିବା ସମ୍ପତ୍ତିଗୁଡ଼ିକର ଶୀଘ୍ର ସମାଧାନ କରିବା ଲାଗି ଇଡି ସହ ମିଶି ପିଏନ୍‌ବି ଓ ଆଇସିଆଇସିଆଇ ବ୍ୟାଙ୍କ କୋର୍ଟରେ ଆବେଦନ କରିଥିଲେ । କୋର୍ଟଙ୍କ ନିର୍ଦ୍ଦେଶ ପରେ ୧୨୫ କୋଟି ଟଙ୍କାର ସମ୍ପତ୍ତିକୁ ନିଲାମ ଲାଗି ଉପଲବ୍ଧ କରାଯାଇଛି । ମୁମ୍ବାଇର ସାଣ୍ଟାକ୍ରୁଜ୍ର ଖେନି ଟାୱାରରେ ଥିବା ୨୭ କୋଟି ଟଙ୍କାର ଫ୍ଲାଟ୍, ଅନ୍ଧେରି ଇଷ୍ଟରେ ଥିବା ୯୮.୦୩ କୋଟି ଟଙ୍କାର ଦୁଇଟି ସମ୍ପତ୍ତି ନିଲାମ କରାଯିବ । ଅନ୍ୟ ସମ୍ପତ୍ତିଗୁଡ଼ିକ ନିଲାମ ପାଇଁ ଆଗାମୀ ଦିନରେ ଉପଲବ୍ଧ କରାଯିବ । ପିଏନବି ଠକେଇର ପର୍ଦାଫାସ ହେବାର କିଛି ଦିନ ପୂର୍ବରୁ ୨୦୧୮ ଜାନୁଆରିରେ ଚୋକ୍ସି ଲୁଚି ଲୁଚି ଭାରତରୁ ପଳାଇଥିଲେ । ଏବେ ସେ ଆଣ୍ଟିଗୁଆ ଓ ବରବୁଦାରେ ରହୁଛନ୍ତି । ପିଏନ୍‌ବିରେ ନିରବ ମୋଦୀ କରିଥିବା ଠକେଇରେ ତାଙ୍କର ବଡ଼ ଭୂମିକା ଥିଲା । ଏହି ଠକେଇ ପ୍ରଭାବରେ ସରକାରୀ ବ୍ୟାଙ୍କଗୁଡ଼ିକ ୬୦୯୭ କୋଟି ଟଙ୍କାର କ୍ଷତି ସହିଛନ୍ତି । ଆଇସିଆଇସିଆଇ ବ୍ୟାଙ୍କରୁ ମଧ୍ୟ ଚୋକ୍ସି ଠକେଇ କରିଥିବା ଅଭିଯୋଗ ରହିଛି।

# ହେଡ୍-ସ୍ମିଥ୍ଙ୍କ ଶତକ : ବ୍ୟାକଫୁଟରେ ଭାରତ

## ଅଷ୍ଟ୍ରେଲିଆ ୪୦୫/୭, ବୁମରାଙ୍କୁ ୫ ୱିକେଟ ସଫଳତା







ଗାବା,୧୫।୧୨: ଭାରତ ରାସ୍ତାରେ ପୁଣି କଣ୍ଟା ସାଜିଛନ୍ତି ଟ୍ରାଭିସ ହେଡ୍।ଅଷ୍ଟ୍ରେଲିଆ।ରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚରେ ବିସ୍ଫୋରକ ୧୫୨ ରନର ପାଳି ଖେଳି ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଛନ୍ତି। ହେଡ୍ ମ୍ୟାଚର ପ୍ରଥମ ଦିନରେ ବର୍ଷା ବାଧକ ସାଜିଥିବାବେଳେ ଆଜି ଦ୍ୱିତୀୟ ଦିନରେ ଗାବାରେ ରନ ବର୍ଷା ହୋଇଥିଲା। ହେଡଙ୍କ ବ୍ୟତୀତ ସ୍ମିଥ ମଧ୍ୟ ଶତକୀୟ ପାଳି ଖେଳିଥିଲେ। ତେବେ ଆଜି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ। ପ୍ରଥମ ପାଳିରେ ୭ ୱିକେଟ ହରାଇ ୪୦୫ ରନ କରିଛି।

ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍ ବ୍ରିସବେନର ଗାବାରେ ଶନିବାରଠାରୁ ଆ।ରମ୍ଭ ହୋଇଛି। ପ୍ରଥମ ଦିନ ବର୍ଷା ବାଧକ ସାଜିବାରୁ କେବଳ ୧୩.୨ ଓଭର ଖେଳାଯାଇପାରିଥିଲା। କୌଣସି ୱିକେଟ ନହରାଇ ଅଷ୍ଟ୍ରେଲିଆ। ୨୮ ରନ ସଂଗ୍ରହ କରିଥିଲା। ଏହିଠାରୁ ଆ।ଜିର ଖେଳ ଆ।ରମ୍ଭ ହୋଇଥିଲା। ପ୍ରଥମ ଦିନରୁ ଷ୍ଟ୍ରାଇକରେ ଥିବା ଦୁଇ ବ୍ୟାଟର ଆ।ଜି ବେଶୀ ସମୟ ତିଷ୍ଠି ପାରିନଥିଲେ। ଉସମାନ ଖାଓ୍ୱାଜା କେବଳ ୨୧ ରନ କରି ବୁମରାଙ୍କ ପ୍ରଥମ ଶିକାର ପାଲଟିଥିଲେ। ଏହାପରେ ନାଥନ ମ୍ୟାକ୍ସିନୀ(୯) ବୁମ୍ରାଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ମାର୍ନୁସ ଲାବୁସେନ(୧୨)ଙ୍କୁ ନୀତୀଶ ରେଡ୍ଡୀ ପାଭିଲିୟନ ଫେରାଇବା ପରେ ଲାଗୁଥିଲା ଭାରତ ଦୃଢସ୍ଥିତିରେ ଅଛି। ତେବେ ଷ୍ଟିଭ୍ ସ୍ମିଥ୍ ଓ ଟ୍ରାଭିସ ହେଡ୍ ସବୁ କିଛି ପାଣିରେ ପକାଇଥିଲେ। ଦମଦାର ଓ ବିସ୍ଫୋରକ ବ୍ୟାଟିଂ କରି କେବଳ ୧୬୦ ବଲରୁ ୧୫୨ ରନର ପାଳି ଖେଳିଥିଲେ ହେଡ୍। ଅନ୍ୟପଟେ ଦୀର୍ଘ ଦିନ ହେବ ଲୟ ଖୋଜୁଥିବା ସ୍ମିଥ ମଧ୍ୟ ଶତକ ହାସଲ କରିଥିଲେ। ସେ କ୍ରମାଗତ ଭାବେ ଦ୍ୱିତୀୟ ଶତକ ହାସଲ କରିଥିଲେ। ସେ ୧୯୦ ବଲରୁ ୧୦୧ ରନ ଖଳିଥିଲେ। ଏହା ତାଙ୍କ କ୍ୟାରିଅରର ୩୩ତମ ଶତକ। ତେବେ ସମୟକ୍ରମେ ବୁମରା ଉଭୟଙ୍କୁ ପାଭିଲିୟନର ରାସ୍ତା ଦେଖାଇଥିଲେ। ମିଚେଲ୍ ମାର୍ଶ କେବଳ ୫ ରନ କରି ଆ।ଉଟେ ହୋଇଥିବାବେଳେ ଅଧିନାୟକ ପ୍ୟାଟ୍ କମିନ୍ସ ୨୦ ରନ କରି ସିରାଜଙ୍କ ବଲରେ ଆ।ଉଟ ହୋଇଥିଲେ। ଆ।ଜିର ଖେଳ ଶେଷ ବେଳକୁ ଆ।ଲେକ୍ସ କ୍ୟାରୀ ୪୫ ଓ ମିଚେଲ୍ ଷ୍ଟାର୍କ ୭ ରନ କରି କ୍ରିଜରେ ମହଜୁଦ ଅଛନ୍ତି। ଅନ୍ୟପଟେ ଭାରତ ପକ୍ଷରୁ ଜସପ୍ରୀତ ବୁମରା ସର୍ବାଧିକ ୫ ୱିକେଟ ସଫଳତା ହାସଲ କରିଥିବାବେଳେ ଅନ୍ୟ କୌଣସି ବୋଲର ନିଜର ଆ।ଖିଦୃଶିଆ। ପ୍ରଦର୍ଶନ ଦେଇପାରିନଥିଲେ। ସିରାଜ ଓ ନୀତୀଶ କୁମାର ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆ।ର କରିଥିଲେ। ଆ।କାଶ ଦୀପ ଓ ରବୀନ୍ଦ୍ର ଜାଡେଜାଙ୍କୁ କୌଣସି ସଫଳତା ମିଳିନଥିଲା।

## ଓଡ଼ିଶା ମାଷ୍ଟରସ୍ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କଟକ,୧୫।୧୨: କଟକ ଜବାହରଲାଲ ନେହେରୁ ଷ୍ଟାଡିୟମ ଠାରେ ଆ।ୟୋଜିତ ହୋଇଥିବା ଓଡ଼ିଶା ମାଷ୍ଟରସ୍ ୨୦୨୪ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟର ଆ।ଜି ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଛି।

ଆ।ଜିର ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କଟକ ଜବାହରଲାଲ ନେହେରୁ ଷ୍ଟାଡିୟମ ଠାରେ ଉପସ୍ଥିତ ରହି ଭାରତର ବ୍ୟାଡ଼ମିଣ୍ଟନ ଖେଳାଳୀ ରିଁକ ସଞ୍ଜୀବୀ ସତୀଶ କୁମାର ଓ ଟି.ମନେପଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିବା ମ୍ୟାଚ ଦେଖିବା ସହ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଆ।ଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋସୋନ କାଉନସିଲର ସିଇଓ ଦୀପଙ୍କର ମହାପାତ୍ର, ରାଜସ୍ୱ ଆୟୁକ୍ତ (କେନ୍ଦ୍ରାଞ୍ଚଳ) ବି. ପରମେଶ୍ୱରନ୍, ଇଡ଼କୋ ଏକଜ୍ୟୁକେଟିଭ୍ ଡାଇରେକ୍ଟର ଡ଼. ସୁରେଶ ଚନ୍ଦ୍ର ଦଳାଇ, ଡିସିପି କଟକ ଜଗମୋହନ ମୀନା, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କଟକ ମହାନଗର ନିଗମ କମିଶନର ଅନମ ଚରଣ ପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଡ଼ମିଣ୍ଟନ ଆ।ସୋସିଏସନ୍ ଅଫ୍ ଇଣ୍ଡିଆ ଓ ଓଡ଼ିଶା ଷ୍ଟେଟ ବ୍ୟାଡ଼ମିଣ୍ଟନ ଆସୋସିଏସନ୍‌ର ମିଳିତ ସହଭାଗିତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ ଥର ପାଇଁ କଟକ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଭାରତ ସମେତ ଜାପାନ, ଇଣ୍ଡୋନେସିଆ।, ଚୀନ, ଡେନମାର୍କ ଆ।ଦି ସମୁଦାୟ ୨୯ଟି ଦେଶରୁ ପ୍ରାୟ ୩୦୦ କ୍ରୀଡ଼ାବିତ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ବିଗତ ଡିସେମ୍ବର ୧୦ ତାରିଖରୁ ଆ।ରମ୍ଭ ହୋଇ ଡିସେମ୍ବର ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

# ବୁମରା ଭାଙ୍ଗିଲେ ଏକାଧିକ ରେକର୍ଡ

ଗାବା,୧୫।୧୨: ଗାବାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ତୃତୀୟ ଟେଷ୍ଟ ମ୍ୟାଚରେ ବ୍ୟାକଫୁଟରେ ଭାରତ, ହେଲେ ଚମକିଲେ ବୁମରା ଦ୍ୱିତୀୟ ଦିବସରେ ଶତକୀୟ ପାଳି ଖେଳି ଟ୍ରାଭିସ ହେଡ୍ ଓ ଷ୍ଟିଭେନ ସ୍ମିଥ ଅଷ୍ଟ୍ରେଲିଆକୁ ଡ୍ରାଇଭିଂ ସିଟକୁ ନେଇଛନ୍ତି। ସତ ହେଲେ ୫ ଓ୍ୱିକେଟ ସଫଳତା ହାସଲ କରି ବୁମରା ରଚିଛନ୍ତି। ଇତିହାସ ଚିରାଚରିତ ଭାବେ ଟିମ ଇଣ୍ଡିଆ। ପାଇଁ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେଇ କ୍ରିକେଟ କିମ୍ବଦନ୍ତୀ କପିଲ ଦେବଙ୍କ ଏକ ରେକର୍ଡକୁ ପଛରେ ପକାଇଛନ୍ତି ବୁମରା।



ରବିବାର ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥ୍ଙ୍କ ଶତକୀୟ ପାଳି ଆ।ଗରେ ଭାରତୀୟ ବୋଲିଂ ପ୍ରଦର୍ଶନ ଫିକା ପଡ଼ିଥିଲା। ହେଲେ ଭାରତ ପକ୍ଷରୁ ଓ୍ୱାନ୍ ମ୍ୟାନ୍ ଶୋ ଦେଖାଇଥିଲେ ବୁମରା। ଗୋଟିଏ ପଟେ ଅନ୍ୟ ଭାରତୀୟ ବୋଲରମାନେ ରନ ରୋକିବାକୁ ସଂଘର୍ଷ କରୁଥିବାବେଳେ ବୁମରା ଏକାକୀ ୫ଟି ୱିକେଟ ଅକ୍ତିଆ।ର କରିଥିଲେ। ସେ ଯଥାକ୍ରମେ ଖାଓ୍ୱାଜା, ନାଥାନ୍, ସ୍ମିଥ୍, ହେଡ୍, ଏବଂ ମାର୍ଶଙ୍କ ଭଳି ବ୍ୟାଟରଙ୍କୁ ପାଭିଲିୟନ ଫେରାଇଥିଲେ। ଏହା ସେନା ଦେଶରେ ବୁମରାଙ୍କ ଅଷ୍ଟମ ୫ ୱିକେଟ ସଫଳତା।

ଏହି ସଫଳତା ସହ ସେ (ଦକ୍ଷିଣ ଆ।ଫ୍ରିକା, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ।) ଦେଶରେ ସର୍ବାଧିକ ଥର ୫ ୱିକେଟ ସଫଳତା ହସଲ କରିଥିବା ଭାରତୀୟ ବୋଲର ହୋଇପାରିଛନ୍ତି। ବୁମରାଙ୍କ ପୂର୍ବରୁ ଏହି ରେକର୍ଡ ଭାରତର ପୂର୍ବତନ କ୍ରିକେଟ ଲିଜେଣ୍ଡ କପିଲ ଦେବଙ୍କ ନାଁରେ ରହିଥିଲା। କପିଲ ଦେବ ସେନା ଦେଶରେ ୭ଥର ୫ ୱିକେଟ ସଫଳତା ହସଲ କରିଥିଲେ। ଏହି ତାଲିକାରେ ତୃତୀୟରେ ରହିଛନ୍ତି ଜାହିର ଖାନ (୬ଥର) ଓ ଚତୁର୍ଥରେ ରହିଛନ୍ତି ବି.ଚନ୍ଦ୍ରଶେଖର (୬ଥର)।

**ସେନା ଦେଶରେ ସର୍ବାଧିକ ୫ ୱିକେଟ ସଫଳତା ହସଲ କରିଥିବା ଭାରତୀୟ ବୋଲର (ଟେଷ୍ଟରେ)**

ଜସପ୍ରୀତ ବୁମରା- ୮ଥର
କପିଲ ଦେବ- ୭ଥର
ଜାହିର ଖାନ- ୬ଥର
ବି.ଚନ୍ଦ୍ରଶେଖର- ୬ଥର

**ବିଦେଶ ମାଟିରେ ସର୍ବାଧିକ ୫ ୱିକେଟ ସଫଳତା ହସଲ କରିଥିବା ଭାରତୀୟ ବୋଲର (ଟେଷ୍ଟରେ)**

କପିଲ ଦେବ- ୧୨
ଜସପ୍ରୀତ ବୁମରା- ୧୦
ଅନୀଲ କୁମ୍ବଲେ- ୧୦
ଇଶାନ୍ତ ଶର୍ମା- ୯
ଭଗବତ ଚନ୍ଦ୍ରଶେଖର- ୮
ରବିଚନ୍ଦ୍ରନ ଅଶ୍ୱୀନ- ୮

**ଟେଷ୍ଟରେ ସର୍ବାଧିକ ୫ ୱିକେଟ ସଫଳତା ହସଲ କରିଥିବା ଭାରତୀୟ ଦ୍ରୁତ ବୋଲର**

କପିଲ ଦେବ- ୨୩
ଜସପ୍ରୀତ ବୁମରା- ୧୨
ଜାହିର ଖାନ- ୧୧
ଇଶାନ୍ତ ଶର୍ମା- ୧୧
ଜବାଗଲ ଶ୍ରୀନାଥ- ୧୦।

## ୩୬ ଘଣ୍ଟାରେ ୩ ପାକିସ୍ତାନୀ କ୍ରିକେଟରଙ୍କ ସନ୍ନ୍ୟାସ ଘୋଷଣା

ଇସଲାମାବାଦ,୧୫।୧୨: ପାକିସ୍ତାନ କ୍ରିକେଟରେ ବର୍ତ୍ତମାନ ସମୟରେ ଅଜବ ଘଟଣାମାନ ସାମ୍ନାକୁ ଆସୁଛି। ବିଗତ ୩୬ ଘଣ୍ଟା ମଧ୍ୟରେ ୩ ଜଣ କ୍ରିକେଟର ଅବସର ଘୋଷଣା କରିବା ପରେ ଦଳ ଭିତରେ କିଛି ସମସ୍ୟା ରହିଥିବା ଚର୍ଚ୍ଚା ହେଉଛି। ନିକଟରେ ପାକ୍ ଟିମ୍ ଦକ୍ଷିଣ ଆ।ଫ୍ରିକା ଗସ୍ତରେ ଯାଇଥିବାବେଳେ ଟି-୨୦ ସିରିଜରେ ପରାସ୍ତ ହୋଇଛି। ଏହା ଭିତରେ ଦଳର ମୁଖ୍ୟ ପ୍ରଶିକ୍ଷକ ତଥା ଅଷ୍ଟ୍ରେଲିଆ।ର ପୂର୍ବତନ କ୍ରିକେଟର ଜେସନ ଗିଲେସ୍ପି ନିଜ ପଦରୁ ଇସ୍ତଫା ଦେଇଥିଲେ ।ଏବେ ଦଳର ଦ୍ରୁତ ବୋଲର ତଥା ଅନ୍ତର୍ଜାତୀୟ କ୍ରିକେଟରେ ସବୁଠୁ ଡେଙ୍ଗା କ୍ରିକେଟର ଭାବେ ପରିଚିତ ୭.୧ ଫୁଟ ଉଚ୍ଚ ମହମ୍ମଦ ଇରଫାନ ଅବସର ଘୋଷଣା କରିଛନ୍ତି। ସେ ଦଳ ପାଇଁ ୪ଟି ଟେଷ୍ଟ, ୬୦ଟି ଦିନିକିଆ। ଏବଂ ୨୨ଟି ଟି-୨୦ ମ୍ୟାଚ ଖେଳିଛନ୍ତି। ସେ ଟେଷ୍ଟରେ ୧୦ଟି, ଦିନିକିଆ।ରେ ୮୩ ଏବଂ ଟି-୨୦ରେ ୧୬ଟି ଉଇକେଟ ନେଇଛନ୍ତି।ଇରଫାନଙ୍କ ପୂର୍ବରୁ ମହମ୍ମଦ ଆ।ମିର ଏବଂ ଇମାଦ ଓ୍ୱସୀମ ବି ଅବସର ଘୋଷଣା କରିଛନ୍ତି।

## ବୀର ବିର୍ସାମୁଣ୍ଡା ନକଆଉଟ ଫୁଟବଲ ଉଦଯାପିତ

# ରେଲୱେକୁ ୨-୦ ଗୋଲରେ ହରାଇ କଳିଙ୍ଗ ଚାମ୍ପିଅନ

ଯୋଡା,୧୫।୧୨ କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅଧୀନ ୧୨ ନମ୍ବର ୱାର୍ଡ ଖୁଣ୍ଟପାଣି ଗ୍ରାମର ଖେଳପଡିଆ। ଠାରେ ବୀର ବିର୍ସାମୁଣ୍ଡା ଯୁବକ ସଂଘ ଆ।ନୁକୂଲ୍ୟରେ ତିନିଦିନ ଧରି ନକଆ।ଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଝାଡଖଣ୍ଡ ସମେତ ଓଡିଶା ରାଜ୍ୟର ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ପିଙ୍ଗୁଆ। ବ୍ରଦର୍ସ ଓ ରେଲୱେ ଷ୍ଟେସନ ଯୋଡା ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା ପେନଲଟି ସଟରେ ପିଙ୍ଗୁଆ। ଦଳକୁ ପରାସ୍ତ କରି ରେଲୱେ ଫାଇନାଲକୁ ଉତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ସେମିଫାଇନଲ ଆ।କାଶ ସ୍ପୋଟିଂ ଓ କଳିଙ୍ଗ ଲଜିଷ୍ଟିକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ୍ୟ ପେନଲଟି ସଟରେ ଆ।କାଶ ସ୍ପୋଟିଂକୁ ହରାଇ କଳିଙ୍ଗ ଲଜିଷ୍ଟିକ ଫାଇନାଲ ମ୍ୟାଚକୁ ପ୍ରବେଶ କରିଥିଲେ।



ରବିବାର ଫାଇନାଲ ମ୍ୟାଚ ରେଲୱେ ଷ୍ଟେସନ ଯୋଡା ଓ କଳିଙ୍ଗ ଲଜିଷ୍ଟିକ ମଧ୍ୟରେ ରୋମାଞ୍ଚକ ମ୍ୟାଚ ଦେଖିବାକୁ ମିଳିଥିଲା। କଳିଙ୍ଗ ଲଜିଷ୍ଟିକ ୨-୦ ଗୋଲରେ ରେଲୱେ ଟିମକୁ ପରାସ୍ତ କରି ଚମ୍ପିଅନ ଆ।ଖ୍ୟା ଅର୍ଜନ କରିଥିଲା। ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟାଟାଷ୍ଟିଲ ଯୋଡା ଇଷ୍ଟ ମାଇନ୍ସ ହେଡ ବ୍ରଜ ବିନୋଦ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ବୈତରଣୀ ଆ।ଇରନ ମାଇନ୍ସର ସଚ୍ଚିଦାନନ୍ଦ ପରିଡା,ଯୋଡା ଟ୍ରକ ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ,୧୨ ନମ୍ବର ।ର୍ଡ କାଉନସିଲର ଲିଜିମଣୀ ମୁଣ୍ଡା,ବରିଷ୍ଠ ନାଗରିକ ଅଚନ ମୁଣ୍ଡା,ଯୋଡା ମାଇନିଂ ଏରିଆ। ଟ୍ରକ ମାଲିକ ସଭାପତି ଚତୁର୍ଭୁଜ ପଲେଇ,ଟିଏସଏଫ ଅଧିକାରୀ ପ୍ରମୋଦ କୁମାର ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ବ୍ରଜ ବିନୋଦ ଚମ୍ପିଅନ ଆ।ଖ୍ୟା ଅର୍ଜନ କରିଥିବା କଳିଙ୍ଗ ଟିମକୁ ନଗଦ ୭୫,୦୦୦ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅପ ରେଲୱେ ଦଳକୁ ନଗଦ ୫୫,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା ସେହିପରି ତୃତୀୟ ଆ।କାଶ ସ୍ପୋର୍ଟ ଦଳକୁ ନଗଦ ୪୫ ହଜାର ଟଙ୍କା ସହ ଟ୍ରଫି ଓ ଚତୁର୍ଥ ଦଳକୁ ନଗଦ ୩୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଗ୍ରାମୀଣ କ୍ରୀଡାକୁ ବିକାଶ ଓ ପ୍ରୋତ୍ସାହନ ଦେବା ନିତାନ୍ତ ଆ।ବଶ୍ୟକ ବୋଲି ଅତିଥି ସମୂହ ମତବ୍ୟକ୍ତ କରିଥିଲେ। ତେବେ ଏହି ନକ ଆ।ଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଏମତି ସାହିଦ,ନିତିଶ ମାଝୀ,ସଞ୍ଜୟ ନାଏକ,ରଥ କୁମ୍ଭାର ରେଫରୀ ଭାବେ ଖେଳ ପରିଚାଳନା କରୁଥିବା ବେଳେ ଭାଷ୍ୟକାର ରୂପେ ଘନ ମହାନ୍ତ ଧାରା ବିବରଣୀ ପ୍ରକାଶ କରୁଥିଲେ।

# ହାଇବ୍ରିଡ ମଡେଲରେ ସହମତି ନେଇ ପିସିବିରେ କନ୍ଦଳ



ନୂଆଦିଲ୍ଲୀ,୧୫।୧୨: ହାଇବ୍ରିଡ ମଡେଲରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଆ।ୟୋଜନ କରିବାକୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ନିଷ୍ପତ୍ତି ନେଇଛି। ଭାରତ ପକ୍ଷରୁ ପାକିସ୍ତାନ ଗସ୍ତକୁ ମନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି କାରଣରୁ ପିସିବିରେ କନ୍ଦଳ ଜାରି ରହିବା ସହିତ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ନିଷ୍ପତ୍ତିରେ ଅନେକ ସଦସ୍ୟ ଖୁସି ନୁହନ୍ତି।

ଆଇସିସି ଏହି ହାଇବ୍ରିଡ୍ ମଡେଲକୁ ନିଶ୍ଚିତ କରିଛି। ଏହା ଅନ୍ତର୍ଗତ ଭାରତ ଦୁବାଇରେ ନିଜର ମ୍ୟାଚ୍ ଖେଳିବ। ବାକି ଟୁର୍ନାମେଣ୍ଟ ପାକିସ୍ତାନରେ ଅନୁଷ୍ଠିତ ହେବ। ଏହାର ପ୍ରତିବଦଳରେ କଲମ୍ବୋରେ ୨୦୨୬ ଟି-୨୦ ବିଶ୍ୱକପରେ ପାକିସ୍ତାନ ଏହାର ମ୍ୟାଚ୍ ଖେଳିବାକୁ ଅନୁମତି ପାଇଛି। ଏହା ସହିତ ୨୦୨୭ପରେ ଆଇସିସି ମହିଳା କାର୍ଯ୍ୟକ୍ରମର ଆୟୋଜନ କରିବା ଅଧିକାର ମଧ୍ୟ ପାକିସ୍ତାନକୁ ଦିଆଯାଇଛି।

ପିସିବି ହାଇବ୍ରିଡ ମଡେଲ ସୂତ୍ର ଗ୍ରହଣ କରିବା ପରେ, ଏହାକୁ ନେଇ ବୋର୍ଡ ମଧ୍ୟରେ ଏକ ବିବାଦ ଆରମ୍ଭ ହୋଇଛି। ସୂଚନାନୁସାରେ, କିଛି ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ କହିଛନ୍ତି ଯେ, ପିସିବି ମୁଖ୍ୟ ମୋହସିନ୍ ନାକଭି ଆ।ଇସିସିର ଚାଲାକିର ଶିକାର ହେବା ଉଚିତ ନୁହେଁ। ପାକିସ୍ତାନର ପୂର୍ବତନ ଅଧିନାୟକ ରସିଦ ଲତିଫ ମଧ୍ୟ ଏହି ହାଇବ୍ରିଡ ମଡେଲରେ ଖୁସି ନୁହନ୍ତି। ସେ କହିଛନ୍ତି ୨୦୨୭ ପରେ ମହିଳା କ୍ରିକେଟ୍ ଟୁର୍ନାମେଣ୍ଟ ଆ।ୟୋଜନ ପାଇଁ ସହମତି ଦେବା ହାଇବ୍ରିଡ୍ ମଡେଲରେ ସିଟି-୨୦୨୫ର କ୍ଷତିପୂରଣ ନୁହେଁ।

ରସିଦ ଲତିଫଙ୍କ ବ୍ୟତୀତ ପାକିସ୍ତାନର ପୂର୍ବତନ କ୍ରିକେଟର ବାସିତ ଅଲି ମଧ୍ୟ ଏହି ନିଷ୍ପତ୍ତିରେ ଅସନ୍ତୁଷ୍ଟ। ସେ କହିଛନ୍ତି, ବର୍ତ୍ତମାନ କୁହାଯାଉଛି ଯେ, ୨୦୨୭ କିମ୍ବା୨୦୨୮ ମସିହାରେ ମହିଳା ବିଶ୍ୱକପ ଆ।ୟୋଜନ ଦାୟିତ୍ୱ ପାକିସ୍ତାନକୁ ଦିଆ।ଯିବ।

ଏହି ସମଗ୍ର ଘଟଣାକ୍ରମରେ ପିସିବିର ସ୍ଥିତି ଦୁର୍ବଳ ଦେଖାଯାଉଛି। ଭାରତ ଉପରେ ଆଇସିସି ଏହି ହାଇବ୍ରିଡ ମଡେଲକୁ ଲାଗୁ କରିଛି ପାକିସ୍ତାନ ନିଜ ମାଟିରେ ସମଗ୍ର ଟୁର୍ନାମେଣ୍ଟ ଆୟୋଜନ କରିବାର ସୁଯୋଗ ପାଇନାହିଁ। ପାକିସ୍ତାନୀ କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଏହା ନିରାଶାଜନକ ଏହା କ୍ରିକେଟ୍ କ୍ଷେତ୍ରରେ ପାକିସ୍ତାନର ପ୍ରତିଷ୍ଠାକୁ ମଧ୍ୟ କ୍ଷତି ପହଞ୍ଚାଇପାରେ ବୋଲି ଚର୍ଚ୍ଚା ହେଉଛି।

## ଗଣ୍ଡରପୁର କପ୍ ଫୁଟବଲ ଉଦ୍‌ଯାପିତ

ଭୁବନେଶ୍ୱର,୧୫।୧୨ ଗଣ୍ଡରପୁର ୟୁନାଇଟେଡ୍ ଯୁଥ ସ୍ପୋର୍ଟସ କ୍ଲବ ଦ୍ୱାରା ଆୟୋଜିତ ୨୨ ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଗଣ୍ଡରପୁର ସ୍ଥିତ ବିଜୁପଟ୍ଟନାୟକ ମିନି ଷ୍ଟାଡିୟମ ଠାରେ ଉଦ୍‌ଯାପିତ ହୋଇଯାଇଛି। ଆଜି ଶେଷ ଦିନରେ ତିନୋଟି ବିଭାଗରେ ତିନୋଟି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଫାଇନାଲ ମ୍ୟାଚ୍ ଗ୍ରାମାଞ୍ଚଳ-ବି ବିଭାଗର ପଦ୍ମକେଶରପୁର ଫୁଟବଲ କ୍ଲବ ଓ ରୁରାଲ ସ୍ପୋର୍ଟସ କ୍ଲବ ଗବବସ୍ତ ମଧ୍ୟରେ ହୋଇଥିଲା। ଏଥିରେ ଗବବସ୍ତ ୧-୦ ଗୋଲରେ ପଦ୍ମକେଶରପୁରକୁ ପରାସ୍ତ କରି ଚମ୍ପିଆନ ହୋଇଥିଲା। ଗ୍ରାମାଞ୍ଚଳ-ଏ ବିଭାଗରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ବନମହାବୀର ସ୍ପୋଟିଙ୍ଗ କ୍ଲବ ଜୟପୁର ୩-୦ ଗୋଲରେ ସୁପ୍ରିମ ଫୁଟବଲ କ୍ଲବ ବରାହିପୁରକୁ ହରାଇ ଚମ୍ପିଆନ ହୋଇଥିଲା। ସେହିପରି ସହରାଞ୍ଚଳ ବିଭାଗର ଫାଇନାଲ ମ୍ୟାଚରେ ସନରାଇଜ୍ କ୍ଲବ କଟକ ୫-୪ ଟ୍ରାଇବ୍ରେକର ଜରିଆରେ କ୍ୟାମେରୁନ୍-୧୧ କୁ ପରାଜିତ କରି ଚମ୍ପିଆନ ହୋଇଥିଲା। ରେଫରୀ ଭାବେ ଶିବ ଶଙ୍କର ପଣ୍ଡା, ସୁଦୀପ ଦାସ, ବ୍ରହ୍ମାନନ୍ଦ ଭୋଇ ଓ ପ୍ରିୟବ୍ରତ ବାହିନୀପତି ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ସରପଞ୍ଚ ଦେବରାଜ ଭୋଇ, ସମିତି ସଭ୍ୟ ଭୁବନ ମୋହନ ଦାସ, ସନ୍ତୋଷ ନାଥ, ନିର୍ମଳ ରାଉତ ପ୍ରମୁଖ ଯୋଗଦେଇ ବିଜୟୀ ଦଳ ମାନଙ୍କୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ସତ୍ୟପ୍ରକାଶ ପ୍ରଧାନଙ୍କୁ ବୁଲେଟ ପ୍ରଦାନ କରାଯାଇଥିଲା। କ୍ଲବର ସଭାପତି ଲକ୍ଷ୍ମଣ ରାଉତ ଓ ସମସ୍ତ କର୍ମକର୍ତ୍ତା, ସଦସ୍ୟ ଏବଂ ଗଣ୍ଡରପୁର ଗ୍ରାମ କମିଟି ସହଯୋଗ କରିଥିଲା ବେଳେ ଉପଦେଷ୍ଟା ଜ୍ଞାନରଞ୍ଜନ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଫାଇନାଲ ମ୍ୟାଚରେ ୨୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ।

# ଏଚ୍‌ଆଇଏଲ୍ ପାଇଁ ନିର୍ଦ୍ଧାରଣ ହୋଇପାରୁନି ଟିକଟ୍ ଦର

ରାଉରକେଲା,୧୫।୧୨: ଆଉ ମାତ୍ର ୧୩ ଦିନ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ(ଷଷ୍ଠ ସଂସ୍କରଣ) ଆ।ରମ୍ଭ ହେବ। ଡିସେମ୍ବର ୨୮ ତାରିଖରୁ ଫେବ୍ରୁଆ।ରି ୧ ତାରିଖ ପର୍ଯ୍ୟନ୍ତ, ମୋଟ୍ ୪୬ଟି ମ୍ୟାଚ୍ ଖେଳାଯିବ। ଏଥିମଧ୍ୟରୁ ୪୨ଟି ମ୍ୟାଚ୍ ରାଉରକେଲାରେ ଓ ୪ଟି ମ୍ୟାଚ୍ ରାଞ୍ଚିରେ ଖେଳାଯିବ। ଗତ ମାର୍ଚ୍ଚରେ ଅନୁଷ୍ଠିତ ହକି ପ୍ରୋ-ଲିଗ୍ ପରେ, ସହରବାସୀ ପୁଣି ଅନ୍ତର୍ଜାତୀୟ ମାନର ହକି ମ୍ୟାଚ୍ ଦେଖିବାର ସୁଯୋଗ ପାଇବେ। ତେବେ ଏହି ପ୍ରତିଯୋଗିତା ପାଇଁ ଟିକେଟ ବିକ୍ରି ହେବ ନା ଦର୍ଶକ ନିଃଶୁଳ୍କ ଉପଭୋଗ କରିବେ, ତାହା ସ୍ପଷ୍ଟ ହୋଇନି ଏପର୍ଯ୍ୟନ୍ତ ଟିକଟ୍ ଦର ଧାର୍ଯ୍ୟ ହୋଇନଥିବାରୁ ଏନେଇ କଳ୍ପନାଜଳ୍ପନା ଲାଗିରହିଛି।

ଉଲ୍ଲେଖଯୋଗ୍ୟ, ପୂର୍ବର ସମସ୍ତ ୫ଟି ସଂସ୍କରଣରେ ଟିକଟ ବିକ୍ରି କରାଯାଇଥିଲା ଭିନ୍ନ ଭିନ୍ନ ଷ୍ଟାଣ୍ଡ ଅନୁଯାୟୀ ଟିକଟ୍ ଦର ୫୦ ଟଙ୍କାରୁ ୩ ଶହ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ପ୍ରାୟ ୭ ବର୍ଷ ପରେ ପୁଣି ଏହି ଲିଗ୍ ଫେରିଥିବାବେଳେ ଏଥର ଟିକଟ୍ ବିକ୍ରି ହେବ ନା ନାହିଁ, ତା ଉପରୁ ପରଦା ଉଠିପାରିନି ଗତ ୮ ତାରିଖରେ ହକି ଇଣ୍ଡିଆ।ର ଯୁଗ୍ମ ନିର୍ଦ୍ଦେଶକ ବି.ଏନ. ଭୂଷଣଙ୍କ ନେତୃତ୍ୱରେ ହକି ଇଣ୍ଡିଆର ବୈଷୟିକ ବିଭାଗ, ପ୍ରସାରଣ ବିଭାଗର ଏକ ପ୍ରତିନିଧି ରାଉରକେଲାସ୍ଥ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ପରିଦର୍ଶନ କରିଥିଲେ। ପ୍ରତିନିଧି ଦଳ ଷ୍ଟାଡ଼ିୟମର ସ୍ଥିତି ପରଖିବାସହ ସମୀକ୍ଷା କରିଥିଲେ।

ଉକ୍ତ ସମୀକ୍ଷା ବୈଠକରେ ମଧ୍ୟ ଟିକଟ୍ ନେଇ ଚର୍ଚ୍ଚା କରାଯାଇଥିଲା। ତେବେ ବରିଷ୍ଠ କର୍ତ୍ତୃପକ୍ଷ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନାଅନୁସାରେ, ଏଥର ମଧ୍ୟ ଟିକଟ୍ ବିକ୍ରି କରାଯିବ। ତେବେ ତାର ଦର ନିର୍ଦ୍ଧାରିତ ହୋଇପାରୁନି।ପୂର୍ବ ବର୍ଷ ତୁଳନାରେ ଏଥର ଦର ଅପେକ୍ଷାକୃତ କମ୍ ରଖିବାନେଇ ଶୀର୍ଷ କର୍ତ୍ତୃପକ୍ଷ ବିଚାର କରୁଥିବା ଜଣାପଡ଼ିଛି। ତେବେ ଆଜିସୁଦ୍ଧା ଆ।ନୁଷ୍ଠାନିଭାବେ ହକି ଇଣ୍ଡିଆ। ପକ୍ଷରୁ ଏନେଇ ଘୋଷଣା କରାଯାଇନାହିଁ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ